

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୧ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 JANUARY 2022

Vol.No. 33 ■ No. 20 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବିଜେପିରେ ସାମିଲ ହେଲେ କଂଗ୍ରେସର ପୋଷ୍ଟର ଗାର୍ଲ

ଲକ୍ଷ୍ନୌ, ୨୦/୦୧ (ନି.ପ୍ର): ଉତ୍ତରପ୍ରଦେଶରେ ବଢୁଥିବା ମହିଳା ନିର୍ଯାତନା ବିରୋଧରେ ଜୋରଦାର ଲଢ଼େଇ କରିବାକୁ ଯାଇ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି 'ଲଡକୀ ହୁଁ, ଲଡ଼ ସକତୀ ହୁଁ' ନାରା ଦେଇଥିଲେ। ଆଉ ଏଥିପାଇଁ ପ୍ରିୟଙ୍କା ମୌର୍ଯ୍ୟଙ୍କୁ ପୋଷ୍ଟର ଗାର୍ଲ କାରିଥିଲା କଂଗ୍ରେସ। ଏହା ରାଜ୍ୟରେ ବଢୁଥିବା ମହିଳାଙ୍କ ଅପରାଧ ବିରୋଧରେ ପ୍ରଚାର ପାଇଁ ଏକ ବଡ ନାରା ସାଜିଥିଲା। ଯାହାକୁ ନେଇ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ର ପାଲଟିଥିଲା। କିନ୍ତୁ ଆସନ ବୁଝାମଣାର ଗଣିତରେ ନିରାଶ ହୋଇ ଏବେ ଏହି ପୋଷ୍ଟର ଗାର୍ଲ ପ୍ରିୟଙ୍କା ଗାନ୍ଧିଙ୍କ 'ହାତ' ଛାଡି ଗେରୁଆ ଗଡରେ ପାଦ ଥାପିଛନ୍ତି। ଆଜି କଂଗ୍ରେସର କାନି ଛାଡି ବିଜେପିରେ ବିଧିବଦ୍ଧ ଭାବେ ମିଶିଛନ୍ତି କଂଗ୍ରେସେର ଏହି ପୋଷ୍ଟର

ଗାର୍ଲ ପ୍ରିୟଙ୍କା ମୌର୍ଯ୍ୟ। ଟିକେଟ ନମିଳିବାରୁ ନେଇ ଅସନ୍ତୋଷ ହୋଇ ସେ ବିଜେପିରେ ମିଶିଛନ୍ତି। ଫଳରେ କଂଗ୍ରେସକୁ ବିଜେପି ବଡ ଝଟ୍ ?କା ଦେଇଛି। 'ବିଜେପିର ନୀତିରେ ମୁଁ ଅନୁପ୍ରାଣିତ ହୋଇଛି। ବିଜେପି ଉପରେ ମୋର ଭରସା ରହିଛି। ଯଦି ନେତୃତ୍ୱ ମୋ ଉପରେ ବିଶ୍ୱାସ କରିବ ତେବେ ନିର୍ବାଚନୀ ମଇଦାନରେ ମୁଁ ନିଶ୍ଚିତ ରୂପେ ଓହ୍ଲାଇବି' ବୋଲି କହିଛନ୍ତି ପ୍ରିୟଙ୍କା। ଉତ୍ତର ପ୍ରଦେଶ ମହିଳା କଂଗ୍ରେସର ପୂର୍ବତନ ଉପ ସଭାପତି ଥିବା ପ୍ରିୟଙ୍କା ମୌର୍ଯ୍ୟ କହିଛନ୍ତି, 'କଂଗ୍ରେସ ମୋ ଫଟୋ, ମୋ ନାଁ ଓ ସୋଶାଲ ମିଡିଆରେ ମୋର ୧୦ ଲକ୍ଷ ଫଲୋଅର୍ସଙ୍କୁ ନେଇ ନିଜର ପ୍ରଚାର କଲେ। କିନ୍ତୁ ନିର୍ବାଚନ ବେଳେ ଯେତେବେଳେ ଟିକେଟ ଦେବାର ସମୟ ଆସିଲା ସେତେବେଳେ ସେମାନେ ଏହାକୁ ଆଉ କାହାକୁ ଦେଇଦେଲେ। ଏହା ସଂପୂର୍ଣ୍ଣ ଭାବେ ଅନ୍ୟାୟ। ସେମାନେ ଏପରି କରିବେ ବୋଲି ଆଗରୁ ନିଷ୍ପତ୍ତି ନେଇଥିଲେ। ମୁଁ ଓବିସି ବର୍ଗରୁ ଆସିଥିବାରୁ ମୋତେ ଟିକେଟ ମିଳିନି। ମୁଁ ପ୍ରିୟଙ୍କା ଗାନ୍ଧିଙ୍କ ସଚିବ ସନ୍ଦୀପ ସିଂହଙ୍କୁ ଲାଞ୍ଚ ଦେଇ ପାରି ନଥିଲି। ଏଥିପାଇଁ ସେମାନେ ମୋତେ ଟିକେଟ ଦେଇନାହାନ୍ତି।' ସୂଚନା ମୁତାବକ, କଂଗ୍ରସେ ବିଧାନସଭା ନିର୍ବାଚନ ପୂର୍ବରୁ ନିଜର 'ଲଡକୀ ହୁଁ, ଲଡ଼ ସକତୀ ହୁଁ' ଅଭିଜାନ ଜରିଆରେ ସାରା ରାଜ୍ୟରେ ମାରାଥନ ଆୟୋଜନ କରିଥିଲା। କିନ୍ତୁ କରୋନା ମାମଲା ବଢୁଥିବା ଦେଖି ଏହାକୁ ସ୍ଥଗିତ କରି ଦିଆଯାଇଥିଲା। ଆସନ୍ତା ଫେବୁଆରୀ ୧୦ ତାରିଖରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ହେବ। ୭ଟି ପର୍ଯ୍ୟାୟରେ ଏଠି ଭୋଟିଂ ହେବ। ମାର୍ଚ୍ଚ ୧୦ରେ ଭୋଟ ଗଣତି ହେବ।

ଯୋଗୀଙ୍କୁ ଗୋରଖପୁରରେ ଟକ୍କର ଦେବେ ଆଜାଦ

ନୂଆଦିଲ୍ଲୀ,୨୦/୦୧: ଭୀମ ଆର୍ମି ଏବେ ବିଜେପି ବିରୋଧରେ ନିଜର ମୋର୍ଚ୍ଚା ଖୋଲିବା ଆରମ୍ଭ କରିଛି । ଭୀମ ଆର୍ମିର ମୁଖ୍ୟ କୁହାଯାଉଥିବା ଚନ୍ଦ୍ରଶେଖର ଆଜାଦ ନିଜେ ଗୋରଖପୁର ଆସନରୁ ନିର୍ବାଚନ ଲଢିବା ନେଇ ସୂଚନା ଦେଇଛନ୍ତି । କହିରଖୁ କି ଏହି ଆସନରୁ ନିଜେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲଢିବାକୁ ଯାଉଛନ୍ତି । କହିରଖୁ କି ୟୁପି ମୁଖ୍ୟମନ୍ତ୍ରୀ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଲଢିବାକୁ ଯାଉଛନ୍ତି । କାରଣ ୨୦୧୭ ମସିହାରେ ସେ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ସାଂସଦ ଥିଲେ । ଯୋଗୀ ୧୯୯୮ ମସିହାରେ ପ୍ରଥମଥର ପାଇଁ ଗୋରଖପୁର ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ଏହାପରେ କ୍ରମାଗତ ଭାବେ ୫

ଥର ସେ ଗୋରଖପୁର ଆସନରୁ ସାଂସଦ ଭାବେ ବିଜୟୀ ହୋଇଥିଲେ । ହେଲେ ମୁଖ୍ୟମନ୍ତ୍ରୀ ହେବା ପରେ ସେ ବିଧାନପରିଷଦରୁ ନିର୍ବାଚିତ ହୋଇଥିଲେ । ଗୋରଖପୁରରୁ ନିର୍ବାଚନ ଲଢିବା ନେଇ ଚନ୍ଦ୍ରଶେଖର ଆଜାଦ କହିଛନ୍ତି କି କିଛି ବିଧାନସଭା କ୍ଷେତ୍ରରେ ଦଳ ପ୍ରାର୍ଥୀ ଦେବ ନାହିଁ । ବିଶେଷ କରି ଯେଉଁ ଆସନରୁ ଶିବପାଲସିଂ ଯାଦବ, ଓମ ପ୍ରକାଶ ରାଜଭର, ଜୟନ୍ତ ଚୌଧୁରୀ, ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଓ ଅଖିଳେଶ ଯାଦବ ପ୍ରାର୍ଥୀ ହେବେ ସେହି ସ୍ଥାନରେ ଭୀମ ଆର୍ମି ପ୍ରାର୍ଥୀଦେବ ନାହିଁ । ଆଜାଦ ସମାଜ ପାର୍ଟିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ କହିଛନ୍ତି କି ଯଦି ସମାଜବାଦୀ ପାର୍ଟି ଉତ୍ତର ପ୍ରଦେଶ ନିର୍ବାଚନରେ ତାଙ୍କ ଦଳକୁ ୧୦୦ ଟି ଆସନ ବି ଦେବ ତେବେ ବି ଭୀମ ଆର୍ମି ତାଙ୍କ ସହ ମେଣ୍ଟ କରିବ ନାହିଁ ।

ଓବିସି ସଂରକ୍ଷଣ ନେଇ ସୁପ୍ରିମକୋର୍ଟଙ୍କ ବଡ ରାୟ

ନୂଆଦିଲ୍ଲୀ,୨୦/୦୧: ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ଦେବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରି ଆସୁଛନ୍ତି ବିରୋଧୀ । ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦେବାକୁ ରାଜ୍ୟ ସରକାରଙ୍କ ଆନ୍ତରିକତା ନଥିବା ରାଜ୍ୟ ବିଜେପି ନେତାମାନେ କହିବା ସହ କେନ୍ଦ୍ରମନ୍ତ୍ରୀ ବି କହିଥିଲେ । ଏହି ପ୍ରସଙ୍ଗରେ କଂଗ୍ରେସ ହାଇକୋର୍ଟକୁ ବି ଯାଇଥିଲା କିନ୍ତୁ ଏତିକିବେଳେ ଓବିସି ସଂରକ୍ଷଣ ପ୍ରସଙ୍ଗରେ ବଡ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । ଆଉ କହିଛନ୍ତି ଟ୍ରିପଲ ଟେଷ୍ଟ ବିନା ଦିଆଯାଇପାରିବନି ଓବିସିଙ୍କୁ ସଂରକ୍ଷଣ । ପଞ୍ଚାୟତ ନିର୍ବାଚନରେ

ଓବିସି ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବା ପ୍ରସଙ୍ଗରେ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ କରିଥିବା ପୁନଃବିଚାର ଆବେଦନର ଶୁଣାଣି କରି ବଡ ରାୟ ଦେଇଛନ୍ତି ତିନି ଜଣିଆ ଖଣ୍ଡପୀଠ । ଜଷ୍ଟିସ ଏଏମ ଖାନୱିଲକର, ଡିଏମ ମାହେଶ୍ୱରୀ ଏବଂ ସିଟି ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି, ଟ୍ରିପଲ ଟେଷ୍ଟ ବିନା ଦେଶର ସମସ୍ତ ରାଜ୍ୟ ନିର୍ବାଚନ କମିଶନ ସ୍ଥାନୀୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୨୭ ପ୍ରତିଶତ ସଂରକ୍ଷଣ ଦେଇପାରିବେ ନାହିଁ । ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ମିଶାଇ ସଂରକ୍ଷଣ ଯେମିତି ୫୦ ପ୍ରତିଶତରୁ ଅଧିକ ନହୁଏ ସେଥିପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଗତ ଡିସେମ୍ବର ୧୫ ଓ ୧୭ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବଳବତ୍ତର ରଖିଛନ୍ତି ଓ ଏହା ହିଁ ସାରା ଦେଶରେ ଲାଗୁ ହେବ ବୋଲି କହିଛନ୍ତି । ତେବେ ପଞ୍ଚାୟତ ନିର୍ବାଚନରେ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ସରକାର ୨୭ ପ୍ରତିଶତ ସଂରକ୍ଷଣ ଦେବାକୁ ବିରୋଧ କରି ସୁପ୍ରିମକୋର୍ଟରେ ମାମଲା ହୋଇଥିଲା । ▶▶ପୃଷ୍ଠା ୭

ଚତୁର୍ଥ ଦିନରେ ନାମାଙ୍କନ ଦାଖଲ କଲେ ୫୮୫୮୮ ପ୍ରାର୍ଥୀ

ଭୁବନେଶ୍ୱର, ୨୦/୦୧(ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ୪ର୍ଥ ଦିନରେ ରାଜ୍ୟବ୍ୟାପୀ ୱାର୍ଡମେମ୍ବର, ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ପାଇଁ ୫୮ ହଜାର ୫୮୮ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ୱାର୍ଡମେମ୍ବର ଭାବେ ୪୦,୭୩୨, ସରପଂଚ ଭାବେ ୮୮୪୨, ପଂଚାୟତ ସମିତି ସଭ୍ୟ ଭାବେ ୭୮୩୨ ଓ ଜିଲ୍ଲା ପରିଷଦ ସଭ୍ୟ ଭାବେ ୧୧୮୨ ଜଣ ନାମାଙ୍କନ ଦାଖଲ କରିଛନ୍ତି । ନାମାଙ୍କନ ଦାଖଲ ପ୍ରକ୍ରିୟା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରାଜ୍ୟ ନିର୍ବାଚନ କମିସନଙ୍କ ସଚିବଙ୍କ ପକ୍ଷରୁ ସୂଚନା ମିଳିଛି। ପଂଚାୟତ ନିର୍ବଚାନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାନୁଆରି ୧୭ ତାରିଖ ଠାରୁ ଆରମ୍ଭ ହୋଇଥିଲା।

ବୁଲି ବାଇ ଆପ୍ ମାମଲାର ଚତୁର୍ଥ ଅଭିଯୁକ୍ତ ଓଡ଼ିଶାରୁ ଗିରଫ

ମୁମ୍ବଇ, ୨୦/୦୧ (ନି.ପ୍ର): ବହୁଚର୍ଚ୍ଚିତ ବୁଲୀ ବାଇ ଏପ୍ ମାମଲାର ଚତୁର୍ଥ ଅଭିଯୁକ୍ତକୁ ମୁମ୍ବାଇ ପୋଲିସ୍ ଓଡ଼ିଶାରୁ ଗିରଫ କରିଛି। ମୁମ୍ବାଇ ପୋଲିସ୍ ଓଡ଼ିଶାରୁ ନୀରଜ ସିଂହ(୨୮ ବର୍ଷ)ଙ୍କୁ ମୁମ୍ବାଇ ନିଆଯାଉଛି। ଏହାପୂର୍ବରୁ ମୁମ୍ବାଇ ପୋଲିସ୍ ଏହି ମାମଲାରେ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ତିନିଜଣଙ୍କ ଜାମିନ୍ ଉପରେ ରାୟ ବାନ୍ଦ୍ରା ମାଜିଷ୍ଟେଟ୍ କୋର୍ଟ ସୁରକ୍ଷିତ ରଖିଛନ୍ତି। ମୁମ୍ବାଇ କ୍ରାଇମ ବ୍ରାଂଚ ସୂତ୍ର ଅନୁଯାୟୀ ତା'ର ସାଇବର ସେଲ୍ ଅଭିଯୁକ୍ତ ଶ୍ୱେତା ସିଂହ, ବିଶାଳ ଝା ଏବଂ ମୟଙ୍କ ରାୱଲ ସହ ମିଳିଥିବା ସୂଚନା ଆଧାରରେ ନୀରଜ ସିଂହଙ୍କୁ ଓଡ଼ିଶାରୁ ଗିରଫ

କରାଯାଇଛି। ଏହା ପୂର୍ବରୁ ସୁଲି ଡିଲ ମାମଲାରେ ଦିଲ୍ଲୀ ପୋଲିସ୍ ନୀରଜ ବିଶ୍ୱୋଇ, ଓଁକାରେଶ୍ୱର ଠାକୁରଙ୍କୁ ଗିରଫ କରିଛି। ମୁମ୍ବାଇ ପୋଲିସ୍ ଶ୍ୱେତା ସିଂହ, ବିଶାଳ ଝା, ମୟଙ୍କ ରାୱଲ ଠାରୁ ସୁଲୀ ଡିଲ୍ ମାମଲାରେ ମଧ୍ୟ ପଚରାଉଚୁରା କରୁଛି। ମୁମ୍ବାଇ କ୍ରାଇମବ୍ରାଂଚର ଅଧିକାରୀ କହିଛନ୍ତି ଯେ ନିରଜ ସିଂହଙ୍କୁ ମୁମ୍ବାଇ ଆଣି ପୋଲିସ୍ ବୁଲି ବାଇ ଏପ୍ ଓ ସୁଲୀ ଡିଲ୍ ଏପ୍, ଏହି ଦୁଇ ମାମଲାରେ ପଚରା ଉଚୁରା କରିବ।

ଗୋଆ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେପି

ନୂଆଦିଲ୍ଲୀ,୨୦/୦୧: ଗୋଆର ୪୦ଟି ବିଧାନ ସଭା ଆସନରୁ ୩୬ଟି ସିଟ ପାଇଁ ପ୍ରାର୍ଥୀଙ୍କ ନା ଘୋଷଣା କରିଛି ବିଜେପି । କିନ୍ତୁ ତାଲିକାରେ ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ପୁଅ ଉତ୍ପଳ ପାରିକରଙ୍କ ନାଁ ନାହିଁ । ଯାହାକୁ ନେଇ ତେଜୁଛି ରାଜନୀତି । ଉତ୍ପଳଙ୍କୁ ବିଜେପି ଟିକେଟ୍ ନଦେବା ଦୁର୍ଭାଗ୍ୟନଜକ ଆଉ ଉତ୍ପଳ ଯଦି ସ୍ୱାଧୀନ ଲଢିବେ ତେବେ ଶିବସେନା ସମର୍ଥନ ଦେବ ବୋଲି କହିଛନ୍ତି ସଞ୍ଜୟ ରାଉତ । ସେପଟେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଉତ୍ପଳଙ୍କୁ ଆମ ଆଦମୀ ପାର୍ଟିରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଛନ୍ତି । ତେବେ ସମ୍ପୂର୍ଣ୍ଣ ଘଟଣା କିଛି ଏଭଳି, ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ଗୋଆରେ ୩୪ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ବିଜେପି । କିନ୍ତୁ ଏଥିରେ ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ପୁଅ ଉତ୍ପଳ ପାରିକରଙ୍କ ନା ନାହିଁ । ଯାହାକୁ ନେଇ ଗୋଆ ବିଜେପି କର୍ମକର୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ପାଣାଜୀରୁ ଉତ୍ପଳ ନିର୍ବାଚନ ଲଢିବାକୁ ଚାହୁଁଥିବାବେଳେ ଏଠାରୁ ବିଜେପି ବର୍ତମାନର ବିଧାୟକ ଆଂଟାନାସିଓ ମୋନସେରେଟଙ୍କୁ ପ୍ରାର୍ଥୀ ଭାବେ ▶▶ପୃଷ୍ଠା ୭

ବିଜେପିରେ ସାମିଲ ହେଲେ ପୂର୍ବତନ ଅତିରିକ୍ତ ଶାସନ ସଚିବ

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପଂଚାୟତରାଜ ବିଭାଗର ପୂର୍ବତନ ଅତିରିକ୍ତ ଶାସନ ସଚିବ ବିନୋଦ କୁମାର ପଣ୍ଡା ଗୁରୁବାର ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ତାଙ୍କ ସହ ଅର୍ଥନୀତି କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଯୁବ ଅର୍ଥନୈତିଜ୍ଞ ଶ୍ରୀମତୀ ମମତା ପଣ୍ଡା ଓ ଶ୍ରୀମତୀ ସୌଭାଗ୍ୟବତୀ ନାୟକ ମଧ୍ୟ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ଏହି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବ ଅବସରରେ ବୁଦ୍ଧିଜୀବି ପ୍ରକୋଷ୍ଠ ସଂଯୋଜକ ତଥା ବରିଷ୍ଠ ନେତା ସଜ୍ଜନ ଶର୍ମା, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଅର୍ପିତା ଅପରାଜିତା ବଡଜେନା, ସଂଖ୍ୟାଲଘୁ ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ର. ଅବଦୁଲ ସଲାମ, ଅନୁସୁଚିତ ଜାତି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଡ.ରବିନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ପୁଣି ରାଜରାସ୍ତାରେ ଗର୍ଜିଲେ ଓଡିଆ ପାଇକ

ଭୁବନେଶ୍ୱର,୨୦/୦୧(ନି.ପ୍ର): ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଦିଲ୍ଲୀର ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ସ୍ଥାନ ନପାଇବା ପ୍ରତିବାଦରେ ଆଜି ଓଡ଼ିଶା ପାଇକ ଏକାଡେମୀ, ସମରକଳା ଏକାଡେମୀ ଆଦି ବହୁ ଅନୁଷ୍ଠାନ ପକ୍ଷରୁ ରାଜଭବନ ସମ୍ମୁଖରେ ଏକ ପ୍ରତିବାଦ ଧାରଣା, ଶୋଭାଯାତ୍ରା, ସଭା ଓ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପାଇକ ଆଖଡ଼ା ଦଳମାନେ ସେମାନଙ୍କର ସମରକଳା ପ୍ରଦର୍ଶନ କରି ପ୍ରଜ୍ଞାପନ ମେଢ଼କୁ ଦିଲ୍ଲୀର ସାଧାରଣତନ୍ତ୍ର ଦିବସରେ ସ୍ଥାନ ଦେବାକୁ କହିଥିଲେ। ଏହି ଅବସରରେ ଓଡ଼ିଶା ପାଇକ ଏକାଡେମୀର ସଭାପତି ତାଙ୍କର ପ୍ରତିକ୍ରିୟାରେ କହିଥିଲେ

ଯେ, ଓଡ଼ିଶାର କଳା, ସଂସ୍କୃତି ଓ ସାମାରିକ ପରମ୍ପରା ସମଗ୍ର ଭାରତ କେବଳ ନୁହେଁ ବିଶ୍ୱରେ ପରିଚିତ। ତେଣୁ ଦିଲ୍ଲୀର ସାଧାରଣତନ୍ତ୍ର ମେଢ଼ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ଦେଖିବାକୁ ଦେଶ ବିଦେଶରେ ଥିବା ଓଡ଼ିଆ ଭାଇମାନେ ଉତ୍ସୁକତାର ସହିତ ଅପେକ୍ଷା କରିଥାନ୍ତି। ଚଳିତବର୍ଷ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଉତ୍ସବ ପାଳନ କରାଯାଉଥିବାରୁ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ପ୍ରଜ୍ଞାପନ ମେଢ଼ ପଠାଇବା ପାଇଁ ବିଭିନ୍ନ ରାଜ୍ୟକୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟରୁ ନିମନ୍ତ୍ରଣ କରାଯାଇଥିଲା। ▶▶ପୃଷ୍ଠା ୭

କୋଟିଆରେ ସବୁ ଦଳର ସହମତିରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ପ୍ରାର୍ଥୀ

ଭୁବନେଶ୍ୱର,୨୦/୦୧(ନି.ପ୍ର): କୋଟିଆରେ କିଏ ହେବ ପ୍ରାର୍ଥୀ? ଏନେଇ କୋରାପୁଟରେ ବସିଥିବା ସର୍ବଦଳୀୟ ବୈଠକ ଶେଷ ହୋଇଛି । ତେବେ ସର୍ବଦଳୀୟ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ସମସ୍ତଙ୍କ ସହମତିରେ ନିର୍ଦ୍ୱନ୍ଦ୍ୱରେ ଜଣେ ପ୍ରାର୍ଥୀ ନିର୍ବାଚିତ ହେବେ । ସବୁ ଦଳର ନେତାଙ୍କ ସହମତିରେ ଏହି ପ୍ରାର୍ଥୀ ଜଣକ ନିର୍ବାଚନରେ ଭାଗ ନେବେ । ତେବେ କିଏ ପ୍ରାର୍ଥୀ ହେବ ସେନେଇ ସବୁ ଦଳର ନେତା ମିଶି ନାମ ଚୟନ କରିବେ । ତେବେ ପ୍ରାଥମିକ ଅବସ୍ଥାରେ ଜଣେ ମହିଳା ଜିଲ୍ଲା ପରିଷଦ ପ୍ରାର୍ଥୀ ହେବା ସ୍ଥିର ହୋଇଛି । ସର୍ବଦଳୀୟ ବୈଠକରେ ସବୁ ଦଳର ନେତା ଭାଗ ନେଇଥିଲେ । ତେବେ ଆନ୍ଧ୍ରକୁ ମାତ୍ ଦେବା ପାଇଁ ଏହି ରଣନୀତି ଆପଣାଯାଇଛି । କୋଟିଆରେ ମିଳିତ ପ୍ରାର୍ଥୀ ଦେବା

ପାଇଁ ସହମତ ହୋଇଛନ୍ତି ସମସ୍ତ ରାଜନୈତିକ ଦଳ । ରାଜନୈତିକ ଶତ୍ରୁତା ଭୁଲି ପାର୍ଟି ନୁହେଁ ବରଂ ମାଟି ପାଇଁ ଲଢେଇ କରିବା ପାଇଁ ଏକମତ ହୋଇଛନ୍ତି ସମସ୍ତ ଦଳ । ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳମତକୁ ପଛରେ ପକାଇ କୋଟିଆ ଗ୍ରାମପୁଞ୍ଜରେ ନେତା ବାଛିବାକୁ ପ୍ରସ୍ତାବ ଦେଇଥିଲେ କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି । ସେଥିପାଇଁ ଆଜି କୋରାପୁଟରେ ବସିଥିଲା ସର୍ବଦଳୀୟ ବୈଠକ । ପୂର୍ବରୁ ପଡୋଶୀ ଆନ୍ଧ୍ର ପ୍ରଦେଶ ଅଗଣତାନ୍ତ୍ରିକ ଭାବରେ କୋଟିଆରେ କରିଥିଲା ପଞ୍ଚାୟତ ନିର୍ବାଚନ । ଅର୍ଥମୋହ ଦେଖାଇ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରଭାବିତ କରି ସେହି ଅଞ୍ଚଳ ଉପରେ ଅଧିକାର ସାବ୍ୟସ୍ତ କରିବାକୁ ଉଦ୍ୟମ କରିଥିଲା । ତେଣୁ ଏବେ ପଞ୍ଚାୟତ ନିର୍ବାଚନ ପାଇଁ ଓଡିଶାର ରାଜନୈତିକ ଦଳ ମାନଙ୍କୁ ଏକାଠି ହେବାର ସମୟ ଆସିଛି । କୋଟିଆରେ ଆନ୍ଧ୍ରର ଦାଦାଗିରି ବନ୍ଦ କରିବାକୁ ସରକାରୀ ସ୍ତରରେ ଉଦ୍ୟମ ଚାଲିଥିବା ବେଳେ ଏବେ ଏକାଠି ହୋଇଛନ୍ତି ସ୍ଥାନୀୟ ଜନ ପ୍ରତିନିଧି ।

ରାଜ୍ୟରେ ଆଉ ୭ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୭ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୫୦୧ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି

ହତ୍ୟା ଘଟଣାରେ ଆସାମୀକୁ ଆଜୀବନ କାରାଦଣ୍ଡ

ମାଲକାନଗିରି,୨୦/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଦୌରାଜଜ୍ ରେଖା ପ୍ରସାଦ ଆଜି ଏକ ହତ୍ୟା ଘଟଣାର ଶୁଣାଣି କରି ଆସାମୀଙ୍କୁ ଆଜୀବନ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ଏମଭି ୭୯ ଥାନା ଅନ୍ତର୍ଗତ ଶିମିଳିବାଞ୍ଚା ଗ୍ରାମର ତତ୍କାଳୀନ ସରପଂଚ ଶିଙ୍ଗା ମାଡକାମୀ ଗତ ୨୦୧୬ ଡିସେମ୍ବର ମାସ ୧ ତାରିଖ ଦିନ ଏକ ଏତଲା ଦେଇଥିଲେ । ଏତଲା ଅନୁଯାୟୀ ପୂଜାରୀଗୁଡା ଗ୍ରାମର ଜଗା କୁରାମି ଓ ମୃତ ଦେଶା ସୋଡି , ଉଭୟ ସମ୍ପର୍କିୟ କକା ଓ ପୁତୁରା । ୩୦ ତାରିଖରେ ସନ୍ଧ୍ୟା ସମୟରେ କକା ଦେଶା ପୁତୁରାକୁ ତାର ବିବାହ ଘଟଣାକୁ ନେଇ ପରିହାସ କରିଥିଲା । ଏଥିରେ ପୁତୁରା ଜଗା କ୍ଷୁବ୍ଧ ହୋଇ ଏକ ଠେଙ୍ଗାରେ କକାକୁ ଆକ୍ରମଣ କରି ତାଙ୍କୁ ହତ୍ୟା କରିଥିଲା । ଏହାକୁ ନେଇ ସ୍ଥାନୀୟ ସରପଞ୍ଚ ଶିଙ୍ଗା ମାଡକାମୀ ଏମଭି ୭୯ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ୫୧ / ୧୬ରେ ଏକ ମାମଲା ରୁଜୁ କରି ଆସାମୀକୁ କୋର୍ଟଚାଲାଣ କରିଥିଲେ । ଘଟଣାରେ ଆଜି ୨୦ଜଣ ସାକ୍ଷୀଙ୍କ ବୟାନ ନେବା ପରେ ଜିଲ୍ଲା ଦୌରାଜଜ୍ ରେଖା ପ୍ରସାଦ ଆସାମୀ ଜଗାକୁ ଆଜୀବନ କାରାଦଣ୍ଡର ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କାର ଜୋରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜୋରିମାନା ଅନାଦୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଦେବାକୁ ଆଦେଶ ଦିଆଯାଇଛି । ମାମଲାକୁ ଆଇନଜୀବି ପିପି ମହେନ୍ଦ୍ର କୁମାର ନାଗ ପରିଚାଳନା କରିଥିଲେ ।

ଜିଲ୍ଲା ପରିଷଦ ପ୍ରାର୍ଥୀ ତାଲିକା ଜାରିକଲେ କଂଗ୍ରେସ ଦଳ

ପ୍ରାର୍ଥୀ ଚୟନରେ ଦଳିୟ ଅନୁଗତ୍ୟ ଓ ବିଜୟ ସମ୍ଭାବନାକୁ ଗୁରୁତ୍ୱ - ସମରେନ୍ଦ୍ର

ବଲାଙ୍ଗିର,୨୦/୧ (ନି.ପ୍ର): ଆଗାମୀ ପଂଚାୟତ ନିର୍ବାଚନ ପାଇଁ ଜିଲ୍ଲା କଂଗ୍ରେସ ବଲାଙ୍ଗିର ତରଫରୁ ଆଜି ଜିଲ୍ଲାର ସମସ୍ତ ୩୪ଟି ଜୋନରେ କଂଗ୍ରେସ ତାର ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଜିଲ୍ଲା ସଭାପତି ଦିଲିପ ବେହେରାଙ୍କ ଅନୁମୋଦନ କ୍ରମେ ଏଆଇସିସି ସଭ୍ୟ ତଥା ପିସିସି ସାଧାରଣ ସଂପାଦକ ସମରେନ୍ଦ୍ର ମିଶ୍ର ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ଆବାସିକ କାର୍ଯ୍ୟାଳୟରେ ସମସ୍ତ ପ୍ରାର୍ଥୀଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ଘୋଷଣା ବେଳେ ସମରେନ୍ଦ୍ର ମିଶ୍ର କହିଛନ୍ତି ଯେ ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସ ଦଳ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି । ଆମେ ସରକାରର ବିଫଳତା, ନାରୀ ନିର୍ଯ୍ୟାତନାରେ ସରକାରୀ ଦଳର ନେତାଙ୍କ ସଂପୃକ୍ତି ଓ ଆମର ବିକାଶ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖକୁ ନେଇ ନିର୍ବାଚନ ଲଢିବୁ । ପ୍ରାର୍ଥୀ ଚୟନ ବେଳେ ପ୍ରାର୍ଥୀଙ୍କ କଂଗ୍ରେସ ଦଳ ପ୍ରତି ଆନୁଗତ୍ୟ, ଲୋକଙ୍କ ଦ୍ୱାରା ଗ୍ରହଣୀୟତା ଏବଂ ବିଜୟ ସମ୍ଭାବନାକୁ ଗୁରୁତ୍ୱ ଦିଆଯାଇଛି । ଆମ ଦଳ ନିଶ୍ଚିତ ଯେ ଆମ ପ୍ରାର୍ଥୀମାନେ ଲୋକଙ୍କ ଦ୍ୱାରା ନିଶ୍ଚୟ ଆଦୃତ ହେବେ । ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲାରେ କଂଗ୍ରେସ ଦଳ ନିଜର ଜିଲ୍ଲା ପରିଷଦ ପ୍ରାର୍ଥୀ ତାଲିକା ପ୍ରଥମେ ପ୍ରକାଶ କରିଛି । ଜିଲ୍ଲାର ୩୪ଟି ଜୋନର ନାମ ତାଲିକା ହେଲା ଜୋନ ୧ ଗଣେଷ କୁମାର ସାହୁ, ଜୋନ ନଂ.୨ ଧନଞ୍ଜୟ ପଟେଲ, ଜୋନ ୩ ସୁଷମା ବାରିକ, ଜୋନ ୪ ଶୁଶିଲ ମାଝି, ଜୋନ ୫ ମୋହନ ନାଗ, ଜୋନ ୬ ଗଦିରାମ ସୁନା, ଜୋନ ୭ ଯୋଗେଶ୍ୱରୀ ସୁନା, ଜୋନ ୮ ପ୍ରଦୀପ କୁମାର ନାଗ, ଜୋନ ୯ ଚମ୍ପା ବଗର୍ତି, ଜୋନ ୧୦ ରଜନୀ ଶବର, ଜୋନ ୧୧ କୌଶିକ ମେହେର, ଜୋନ ୧୨ କବିତା ଭୋଇ, ଜୋନ ୧୩ ମୁକ୍ତାଦେଇ ତାଣ୍ଡି, ଜୋନ ୧୪ ହେମଲତା ଭୁଏ, ଜୋନ ୧୫ ପଦ୍ମିନୀ ସୁନା, ଜୋନ ୧୬ ଚନ୍ଦ୍ରମଣି ବାଗ, ଜୋନ ୧୭ ଶୁଭ୍ରାଂଶୁ ଶେଖର ପଣ୍ଡା, ଜୋନ ୧୮ ବିନୋଦ ତାଣ୍ଡି, ଜୋନ ୧୯ ଉମାକାନ୍ତି ମହାନନ୍ଦ, ଜୋନ ୨୦ ଓମ୍ କୁମାର, ଜୋନ ୨୧ ସନ୍ତୋଷ ନାଏକ, ଜୋନ ୨୨ ଯଶୋବନ୍ତି ବଘାର, ଜୋନ ୨୩ ନିଳାଦ୍ରୀ ସେଠ, ଜୋନ ୨୪ ମହେନ୍ଦ୍ର ବରିହା, ଜୋନ ୨୫ ମଙ୍ଗଳା ଧରୁଆ, ଜୋନ ୨୬ ନିଳାବତୀ ତାଣ୍ଡି, ଜୋନ ୨୭ ସପ୍ନେଶ୍ୱର ଭୋଇ, ଜୋନ ୨୮ କେତକି ବେହେରା, ଜୋନ ୨୯ ଗୋପି ପାଣିଗ୍ରାହୀ, ଜୋନ ୩୦ ନିତ୍ୟାନନ୍ଦ ଯୋଷୀ, ଜୋନ ୩୧ ଦ୍ରୋପଦୀ ବେହେରା, ଜୋନ ୩୨ ପ୍ରମୋଦ କୁମାର ଭୋଇ, ଜୋନ ୩୩ ତନୟା ବେହେରା, ଜୋନ ୩୪ ସବିତା କାଲସାଏ। ଏ ସମସ୍ତ ପ୍ରାର୍ଥୀ ଚୟନ ଜିଲ୍ଲା କଂଗ୍ରେସ ଦ୍ୱାରା ନିୟୋଜିତ ହୋଇଥିବା ପ୍ରଭାରିମାନଙ୍କ ଦ୍ୱାରା ସବିଶେଷ ରିପୋର୍ଟ ପ୍ରଦାନ ପରେ ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା ପ୍ରାର୍ଥୀ ତାଲିକା ବୁଡାନ୍ତ କରାଯାଇଥିଲା ବୋଲି କହିଛନ୍ତି ।

ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହେଲା କୁଡୁମୁଲୁଗୁମ୍ଫା ଅଦାଲତ

ମାଲକାନଗିରି,୨୦/୧ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ଫା ଠାରେ ଦେୱାନୀ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ଶୁଭ ଉଦଘାଟନ ହୋଇଯାଇଛି । ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟମୂର୍ତି ଏସ. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ଏହାର ଉଦଘାଟନ କରିଛନ୍ତି ।

ଏହି ଉଦଘାଟନୀ ଉତ୍ସବରେ ମାଲକାନଗିରି ଜିଲ୍ଲା ଦୈ।ରାଜଜ୍ ରେଖା ପ୍ରସାଦ, ଉପ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଡୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଶ୍ୱ ରଞ୍ଜନ ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମନ୍ତ କୁମାର ପଟ୍ଟନାୟକ, ଓକିଲ ସଂଘ ସଭାପତି ପ୍ରଭାକର ପ୍ରଧାନ, ଅତିରିକ୍ତ ଏସ୍.ପି. ବଳଭଦ୍ର ଦୀପ, ଏସ.ଡି.ପି.ଓ ଅଂଶୁମାନ ଦ୍ୱିବେଦି, ଆଇ.ଆଇ.ସି ଜନ୍ କୁକୁର, ଆଇ.ଆଇ.ସି ହିମାଂଶୁ ଶେଖର ବାରିକ, କୁଡୁମୁଲୁଗୁମ୍ଫା ତହସିଲଦାର ବିଜୟ ମାଣ୍ଡାଙ୍ଗୀ, ଫାଣ୍ଡି ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ଷଡ଼ଙ୍ଗୀ , ଆର.ଡି ବିଭାଗର ଏସଡିଓ,କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରାଙ୍କ ସହ ଅନେକ ଓକିଲ ଓ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଦୈ।ରାଜଜ୍ ସୁଶ୍ରୀ ରେଖା କହିଥିଲେ ଯେ, କୁଡୁମୁଲୁଗୁମ୍ଫା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଅଦାଲତ ସ୍ଥାପିତ ହେବା ଫଳରେ କୁଡୁମୁଲୁଗୁମ୍ଫା ଅଂଚଳର ବହୁତ ଦିନର ସ୍ୱପ୍ନ ସାର୍ଥକ ହୋଇଛି ଓ ଯାହା ଫଳରେ ଶହଶହ ଦୂର୍ଗମ ପାହାଡିଆ ଅଂଚଳରେ ବସବାସ କରୁଥିବା ବଣ୍ଡା ଓ ଦୀଦାୟୀ ଜନଜାତି ବର୍ଗର ଆଦିମ ଅଧିବାସୀମାନେ ବହୁତ ଉପକୃତ ହୋଇପାରିବେ ଓ ନ୍ୟାୟିକ ବ୍ୟବସ୍ଥା ସେମାନଙ୍କର ଆହୁରି ନିକଟତର ହୋଇପାରିବ । ଆଜିର ଏହି ଉଦଘାଟନୀ ଉତ୍ସବ ସମ୍ପର୍କରେ ପ୍ରଚାରିତ ହେଲା ପରେ ସମଗ୍ର କୁଡୁମୁଲୁଗୁମ୍ଫା ଅଂଚଳରେ ଖୁସିର ବାତାବରଣ ଖେଳିଯାଇଛି ।

୧୨ ଦିନରେ ପହଂଚିଲା ଏଫସିଆଇ ଶ୍ରମିକଙ୍କ ଧାରଣା : ଶେଷରେ ଆଗାମୀ ନିର୍ବାଚନରେ ଭୋଟ୍ ବର୍ଜନ ନିଷ୍ପତ୍ତି

କନ୍ଧମାଳ,୨୦/୧ (ନି.ପ୍ର): ସଭାପତି କେଶବ ଚନ୍ଦ୍ର ଦିଗାଲଙ୍କ ନେତୃତ୍ୱରେ ଫୁଲବାଣୀ ଏଫସିଆଇ ଶ୍ରମିକ ସଂଗଠନ ପକ୍ଷରୁ ଏଫସିଆଇ ସମ୍ମୁଖରେ ଦିଆଯାଇଥିବା ଧାରଣା ଆଜି ୧୨ ଦିନରେ ପହଂଚିଛି । ହେଲେବି ଏହି ଗରିବ ଖଟି ଖିଆ ମଜୁରିଆଙ୍କ ଦୁଃଖ ବୁଝିବାକୁ କେହି ଆସୁ ନାହାନ୍ତି । ଜିଲ୍ଲା ପ୍ରଶାସନ ନା ନେତା ରାଜନେତା ଏପରିକି ସହରର ଜଣାଶୁଣା ସ୍ୱେଚ୍ଛାସେବୀ ସଂଘ ସମସ୍ତଙ୍କ ଅଣଦେଖା । ଶ୍ରମିକଙ୍କ ଦୁଃଖ ବୁଝିବାକୁ ଗଠନ ହୋଇଛି ଅନେକ ଶ୍ରମିକ ସଂଗଠନ ସେମାନଙ୍କର ବି ଏପର୍ଯ୍ୟନ୍ତ ପାଦ ପଡିନି । ଶେଷରେ ଏଫସିଆଇ ଶ୍ରମିକ ସଂଘ ପକ୍ଷରୁ ସମସ୍ତ ଶ୍ରମିକଙ୍କ ସହମତି କ୍ରମେ ଆଜି ଆଗାମୀ ନିର୍ବାଚନରେ ଭୋଟ ବର୍ଜନ ନିଷତି ନିଆଯାଇଛି । ସୂଚନାପ୍ରକାରେ, ଶ୍ରମିକ ମାନେ ବର୍ଷବର୍ଷ ଧରି ଏହି ସରକାରୀ ଗୋଦାମରେ କାର୍ଯ୍ୟରତ । ଏପରିକି କରୋନା ମହାମାରୀ ସମୟରେ ମଧ୍ୟ ସମଗ୍ର ବିଶ୍ୱ କରୋନା ସହ ଲଢ଼େଇ କରୁଥିବା ବେଳେ ଏହି ଶ୍ରମିକ ମାନେ ନିଜ ଜୀବନକୁ ବାଜି ଲଗେଇ କରୋନା ଯୋଦ୍ଧା ସଦୃଶ୍ୟ କାର୍ଯ୍ୟ କରି ଆସୁଥିଲେ । ଜିଲ୍ଲା ଯୋଗାଣ ବିଭାଗ ଅଧିନରେ ପରିଚାଳିତ ତିନୋଟି ଗୋଦାମ ରହିଛି । ଏଥି ମଧ୍ୟରୁ ଦୁଇଟି ନିଜସ୍ୱ ହୋଇଥିବା ବେଳେ ଅନ୍ୟଟି ବେସରକାରୀ ଠିକାଦାରଙ୍କ ଦ୍ୱାରା ପରିଚାଳିତ । ବିଗତ ଦିନରେ ବିଭିନ୍ନ ଆଳ ଦେଖାଇ ଶ୍ରମିକ ମାନଙ୍କ ଠାରୁ ୬ ଗୋଟି ଚାଉଳ ଉଠାଣ କ୍ଷମତା ବାହାର କରିଦିଆଯାଇଥିଲା । ଥିବା ୨ଟି ସରକାରୀ ଗୋଦାମ ଅଧିନରେ ୩୭ରୁ ଉର୍ଦ୍ଧ୍ୱ ପରିବାରର ୨୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ନିର୍ଭର କରି ପେଟ ପୋଷଣ କରୁଛନ୍ତି । ଚଳିତ ବର୍ଷ ଯୋଗାଣ ବିଭାଗ ଟେଣ୍ଡରରେ ଦୁଇଟି ବ୍ଲକ ଟିକାବାଲି ଓ ଉଦୟଗିରିର ଚାଉଳ ଉଠାଣ କ୍ଷମତା ଅପସାରଣ କରାଯାଇଛି । ବେସରକାରୀ ଗୋଦାମକୁ ଅହେତୁକ ଅନୁକମ୍ପା ଦେଖାଇ ବିଭାଗ ଦୁଇ ଶହ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବୋଲି ଶ୍ରମିକ ସଂଘ ଲିଖିତ ଆକାରରେ ଜିଲ୍ଲାପାଳଙ୍କ ଅଭିଯୋଗ କରିଥିଲେ ହେଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ଗତ ୧୨ ଦିନ ହେଲା ଶ୍ରମିକମାନେ କାମ ବନ୍ଦରଖି ଧାରଣା ଦେଇଛନ୍ତି । ଧାରଣାରତ ଶ୍ରମିକ ମାନଙ୍କ କହିବା ଅନୁଯାୟୀ, ଜିଲ୍ଲା ପ୍ରଶାସନ ଯଦି ଆମ କଥା ନବୁଝିବେ ତେବେ ଆମେ ନିଜ ପରିବାର ପିଲାଛୁଆଙ୍କ ସହିତ ଭୋକ ଉପାସରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବା ସହ ଭୋଟ ବର୍ଜନ କରିବୁ ବୋଲି ସମ୍ପାଦକ ଦଶରଥ ସାହୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । କାର୍ଯ୍ୟ ବନ୍ଦ ଯୋଗୁଁ ଜିଲ୍ଲାର ବିଭିନ୍ନ ପଚାଂୟତବାସିଙ୍କ ପାଇଁ ହୋଇଥିବା ଆସୁବିଧା ପାଇଁ ଜିଲ୍ଲା ପ୍ରଶାସନ ହିଁ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ସର୍ଦାର କେଶବ ଚନ୍ଦ୍ର ଦିଗାଲ, ରଞ୍ଜିତ ନାୟକ, ଅରୁଣ ନାୟକଙ୍କ ସମେତ ସଂଘର ସମସ୍ତ ଶ୍ରମିକ ମାନେ ଧାରଣାରେ ବସିଥିଲେ ।

ଜୟପୁରରେ ଆରମ୍ଭ ହେଲା ଡାଇଲେସିସ ସେବା

ଜୟପୁର,୨୦/୧ (ନି.ପ୍ର): କିଡନୀ ରୋଗୀଙ୍କ ନିମନ୍ତେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକ୍ଷମ ହୋଇଛି ଡାଏଲିସସ ମେସିନ। ଆଜିର ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଭୀମ ସାହୁ, ଜୟପୁର ଏଡିଏମଓ ରବି ନାରାୟଣ ମିଶ୍ର, ମ୍ୟାନେଜର ବିଭାବଶୁ ରାଉତ, ରପସୀ ନାୟକଙ୍କ ସମେତ ସପନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ରାହି କେୟାର ପ୍ରାଇଭେଟ ଲିମିଟେଡ ନମକ ଏକ ସ ଂସ୍ଥା ଏହାକୁ ପରିଚାଳନା କରିବ। ଏଥିପାଇଁ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନିୟୋଜିତ ହୋଇଛନ୍ତି।

ବରିଷ୍ଠ ରାଜସ୍ୱ ସହାୟକଙ୍କ ବିୟୋଗରେ ଜିଲ୍ଲା ପ୍ରଶାସନର ଶୋକବ୍ୟକ୍ତ

ପୁରୀ,୨୦/୧ (ନି.ପ୍ର): ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀ ଦୀନବନ୍ଧୁ ଜେନାଙ୍କ ଅକାଳ ବିୟୋଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଡେପୁଟି କଲେକ୍ଟର ସୁମନ୍ତ କର, ଜିତେନ୍ଦ୍ର କୁମାର ପାତ୍ର, ନିଜାରତ ଅଧିକାରୀ ପ୍ରଭାକର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଛନ୍ତି । ଗତ ୧୭ ତାରିଖରେ ଶ୍ରୀ ଜେନା ୩୯ ବର୍ଷ ବୟସରେ କରୋନାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ପ୍ରାଣ ହରାଇଥିଲେ । ସେ ଜିଲ୍ଲାରେ ୨୦୧୨ ମସିହାରେ କନିଷ୍ଠ ରାଜସ୍ୱ ସହାୟକ ଭାବେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । ୨୦୧୭ ମସିହାରୁ ଜିଲ୍ଲା ଆପଦକାଳୀନ କାର୍ଯ୍ୟାଳୟରେ ବରିଷ୍ଠ ରାଜସ୍ୱ ସହାୟକ ଭାବେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି । ଏଥିସହ ଜିଲ୍ଲା ରେଡକ୍ରସ ସମିତିର ଅତିରିକ୍ତ ଦାୟିତ୍ୱ ମଧ୍ୟ ସଫଳତାର ସହ ତୁଲାଇଛନ୍ତି । ସେ ଜଣେ ମେଳାପୀ, ବନ୍ଧୁ ବତ୍ସଳ ଏବଂ ସହୃଦୟ ବ୍ୟକ୍ତିଭାବେ କଲେକ୍ଟରେଟରେ ପରିଚିତ ଥିଲେ । ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା ଶୋକ ସନ୍ତପ୍ତ ପରିବାରଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସହାୟତା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସିଭିଲ କୋର୍ଟ ପରିସରରେ ସବଜଜ୍ କୋର୍ଟ ଉଦ୍‌ଘାଟିତ

ବଲାଙ୍ଗିର,୨୦/୧ (ନି.ପ୍ର): ସ୍ଥାନୀୟ ସିଭିଲ୍ କୋର୍ଟ ପରିସରରେ ଭର୍ଚୁଆଲ୍ ମାଧ୍ୟମରେ ସବଜଜ୍ କୋର୍ଟ ଉଦଘାଟିତ ହୋଇଯାଇଛି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତି ଡ.ଏସ୍. ମୁରଲିଧର ଏବଂ ବିଚାରପତି ନ୍ୟାୟମୂର୍ତି ବିଶ୍ୱନାଥ ରଥ ଏହାକୁ ଉଦଘାଟନ କରିଛନ୍ତି । ଦେୱାନୀ ମାମଲାର ଆଶୁ ସମାଧାନ ପାଇଁ ଏହି ସବ୍ ଜଜ୍ କୋର୍ଟ ଉଦ୍ଦିଷ୍ଟ ବୋଲି କୁହାଯାଇଛି । ଏହି ଅବସରରେ ଜିଲ୍ଲା ଜଜ୍ ଲୋକନାଥ ମହାପାତ୍ର, ଜିଲ୍ଲାପାଳ ଚଂଚଳ ରାଣା, ଏସପି ନୀତିନ କୁଶଲକର, ନୂତନ ଭାବେ ଯୋଗ ଦେଇଥିବା ବରିଷ୍ଠ ସିଭିଲ୍ ଜଜ୍ ଜନ୍ମେଜୟ ପଲେଇ, ବାର୍ ଏସୋସିଏସନ୍ ସଭାପତି ପ୍ରବୀଣ ମିଶ୍ର ପ୍ରମୁଖ ମଂଚାସୀନ ଥିବା ବେଳେ ସିଭିଲ୍ କୋର୍ଟ ଅଧିକାରୀ ପ୍ରୀତିରାଣୀ ନାଗ, ଅନୀଲ କୁମାର ଦାଶ, ସୁବ୍ରତ କୁମାର ମିଶ୍ର, ଶୁଭ୍ରାଂଶୁ ବାଗ, ସଂଜୀବ କୁମାର ନାୟକ ତଥା ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦାନ କରିଥିଲେ ।

ବଦଲି ପଂଚାୟତରେ ନିର୍ବାଚନ ଆଚରଣ ବିଧିର ଖୁଲମଖୋଲା ଉଲଂଘନ ଅଭିଯୋଗ

ମାଲକାନଗିରି,୨୦/୧ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାର୍ଚନ ପାଇଁ ବିଜ୍ଞପ୍ତି ଜାରି ହୋଇ ନାମାଙ୍କନ ଦାଖଲ ଚାଲିଛି। ଏଥିପାଇଁ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସର ମଧ୍ୟରେ ନୋଟିସ୍ ମରାଯାଇଛି , ଆସନ୍ତା ଫେବୁଆରି ମାସ ୧୬ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ। ତେବେ ଆସନ୍ତା ଫେବୃଆରୀ ମାସ ୨୨ ତାରିଖ ଦିନ କାଲିମେଳା ବ୍ଲକରେ ନିବାର୍ଚନ ହେବ ବୋଲି ଜଣାପଡ଼ିଛି । ସକାଳ ୭ଟାରୁ ମଧ୍ୟାହ୍ନ ଗୋଟାଏ ପର୍ଯ୍ୟନ୍ତ ଭୋଟରମାନେ ନିଜର ମତଦାନ ସାବ୍ୟସ୍ତ କରିବେ , କାଲିମେଳା ବ୍ଲକରେ ମୋଟ ୩୩୪ଟି ବୁଥ୍ ରହିଥିବା ବେଳେ ମୋଟ ୯୭ ହଜାର ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ ବୋଲି ଜଣାପଡ଼ିଛି , ଭୋଟରମାନେ ୨୩ଟି ସମିତିସଭ୍ୟ ପଦବି , ୨୩ଟି ସରପଂଚ ପଦବି ଓ ୩ଟି ଜିଲ୍ଲାପରିଷଦ ପଦବି ପାଇଁ ଭୋଟଦାନ କରିବେ , ଏଥିପାଇଁ ଜାନୁଆରି ମାସ ୧୭ ତାରିଖରୁ ୨୧ ପର୍ଯ୍ୟନ୍ତ ମନୋନୟନ ପତ୍ର ଦାଖଲ , ଜାନୁଆରୀ୨୨ରେ ଯାଂଚ , ୨୫ରେ ମନୋନୟନ ପତ୍ର ପ୍ରତ୍ୟାହାର ସହ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ , ଅପରପକ୍ଷରେ ନିବାର୍ଚନ ତାରିଖ ଘୋଷଣା ଠାରୁ ଅର୍ଥାତ୍ ଜାନୁଆରି ୧୧ ତାରିଖରୁ ଫେବୃଆରି ମାସ ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଆଚରଣ ବିଧି ଲାଗୁ ହୋଇଥିବାର ରାଜ୍ୟ ନିବାର୍ଚନ କମିଶନ ଘୋଷଣା କରିଛନ୍ତି, ହେଲେ କାଲିମେଳା ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ନେତାଙ୍କ ବଡ଼ ବଡ଼ ହୋର୍ଡିଂ ଓ ବ୍ୟାନର ଲାଗିଥିବାର ଦେଖିବାକୁ ମିଳିଛି ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା, ସୂଚନା ଯୋଗ୍ୟ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ରାଜ୍ୟ ନିବାର୍ଚନ କମିଶନଙ୍କ ସଚିବ ଆରଏନ୍ ସାହୁ ତୁରନ୍ତ ବିଭିନ୍ନ ସ୍ଥାନରେ ଲାଗିଥିବା ନେତା ଓ ମନ୍ତ୍ରୀମାନଙ୍କର ହୋର୍ଡିଂ ଓ ଫଟୋ ଗୁଡ଼ିକୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ବଦଲି ପଂଚାୟତ ଭିତରେ ଥିବା ଚାଉଳ ଯୋଗାଣ କେଂନ୍ଦ୍ର ସାମନା କା ନ୍ଥରେ ଏକ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି,ଏବିଷୟରେ ପଂଚାୟତ ର ପିଇଓ ଭାଗ୍ୟ ଧର ବରମନ ଙ୍କୁ ଅବଗତ କରାଇବାରୁ ସେ ଏହାକୁ ତୁରନ୍ତ ହଟାଇବା ପାଇଁ କହିଥିଲେ, ଏଠାରେ ନିୟମକୁ ଖୋଲାଖୋଲି ଉଲଂଘନ କରାଯାଇଥିବା ଏହି ବ୍ୟାନର କୁ ଦେଖିଲେ ଅନୁମାନ କରାଯାଉଛି ଏବଂ ପଂଚାୟତ ଗୃହରେ ୩ଦିନ ଧରି ନମିନେସନ ଚାଲିଥିଲେ ମଧ୍ୟ ଏହା ଉପରେ କୌଣସି ଅଧିକାରୀ ଙ୍କ ନଜର ପଡୁନାହିଁ ନା ଏହା ଏକ ଅବହେଳା ବୋଲି ସ୍ଥାନୀୟ ବୁଦ୍ଧି ଜୀବି ମହଲରେ ଆଲୋଚନାର ବିଷୟ ପାଲଟିଛି।

ଚୋରି ମାମଲାରେ ୪ ଗିରଫ

ଜୟପୁର,୨୦/୧ (ନି.ପ୍ର): ଜୟପୁର ସଦର ପୋଲିସ ଚ

ଫଳ ଉପରେ ଷ୍ଟିକର ଲାଗିଥାଏ କାହିଁକି ?

ପିଲାମାନେ ବାପାଙ୍କ ସାଙ୍ଗରେ ଫ୍ରୁଟ୍ସ କିଣିବାକୁ ଯାଇଥିଲେ ତୁମ ମନରେ ବି ପ୍ରଶ୍ନ ଉଠୁଥିବ ଯେ, ସେଥିରେ ଷ୍ଟିକର କ'ଣ ପାଇଁ ଲାଗିଥାଏ । ହେଲେ ଜାଣି ଆଶ୍ଚର୍ଯ୍ୟ ହେବ ଯେ ଏହି ଷ୍ଟିକର କିଛି ସାଧାରଣ ଷ୍ଟିକର ନୁହେଁ ବରଂ ଏଥିରେ ରହିଛି କିଛି ମହତ୍ ଉଦ୍ଦେଶ୍ୟ । ଯଦି କୌଣସି ଫଳ କିମ୍ବା ପରିବା ଉପରେ ଲାଗିଥିବା ଷ୍ଟିକରରେ ରହିଛି ୫ ଡିଜିଟର କୋଡ୍ ଏବଂ ଏହା ୯ନମ୍ବରରୁ ଆରମ୍ଭ ହୋଇଛି ତ ଏହାର ଅର୍ଥ ଏହି ଫଳ କିମ୍ବା ପରିବାକୁ ଜୈବିକ ରୂପରେ ଅମଳ କରାଯାଇଛି । କିନ୍ତୁ ଏହାକୁ ଜେନେଟିକାଲି ମଡିଫାଏ କରାଯାଇନାହିଁ । ଯଦି କୌଣସି ଫଳ କିମ୍ବା ପରିବା ଉପରେ ୫ ଠିଜିଟର କୋଡ୍ ରହିଛି ଏବଂ ଏହା ୮ରୁ ଆରମ୍ଭ ହୋଇଛି ଏହାର ଅର୍ଥ ଏହାକୁ ଜୈବିକ ଭାବେ ଚାଷ କରାଯାଇଛି ଏବଂ ଏହାକୁ ଜେନେଟିକାଲି ମଡିଫାଏ କରାଯାଇଛି । ଏହି ଷ୍ଟିକରରେ ଲାଗିଥିବା କୋଡକୁ ସଠିକ ଭାବେ ଜାଣିପାରିଲେ ଫଳ ଏବଂ ପନିପରିବା ବିଷୟରେ ବହୁ ତଥ୍ୟ ହାସଲ କରିପାରିବ । ଏହା ମଧ୍ୟ ସ୍ପଷ୍ଟ ହୋଇଯିବ କେଉଁ ଫଳ ବା ପନିପରିବାକୁ ନେବା ଏବଂ କାହାକୁ ନେବା ନାହିଁ । ଯେଉଁ ଫଳର ଷ୍ଟିକର ଉପରେ ୪ ଡିଜିଟ୍ କୋଡଥାଏ ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ, ସେଥିରେ ପାରମ୍ପାରିକ କୀଟନାଶକ କିମ୍ବା କେମିକାଲ୍ସ ବ୍ୟବହାର କରାଯାଇଛି ।

ମେରୁଦଣ୍ଡ ସୁସ୍ଥ ରହିବ

ମେରୁଦଣ୍ଡ ସଂଲଗ୍ନ ଚଉଡ଼ା ଅସ୍ଥିରେ ଭରାଦେଇ ପଛକୁ ନଇଁବାର ଏକାଧିକ ଉପକାର ମିଳିଥାଏ । ଏହା ତଳପିଠିକୁ ଆରାମ ଦେବା ସହ ନିତମ୍ବ ମାଂସପେଶୀକୁ ଏବଂ ଏହା ସଂଲଗ୍ନ ଅଙ୍ଗଗୁଡ଼ିକୁ ସକ୍ରିୟ କରେ । ଏଭଳି ବ୍ୟାୟାମ ଦ୍ୱାରା ଛାତି, ତଳିପେଟର ଭଲ ଷ୍ଟ୍ରେଚିଂ ହୋଇପାରେ ଏବଂ ବେକ ସହଜ ଭାବେ କାମ କରିପାରେ ।

ପ୍ରକ୍ରିୟା:- ଟାଣ ଫୋମ ବା ସ୍ପଞ୍ଜର ଦୁଇଟି ୮-୪୪ ଇଞ୍ଚ ଇଟା ନିଅନ୍ତୁ ।
ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ଚକା ପକାଇ ସଳଖ ଭାବେ ବସିପଡ଼ନ୍ତୁ ।
ଏବେ ପିଠିମାଡି ଶୋଇବା ସହିତ ଗୋଡ଼ ଦୁଇଟି ଆଣ୍ଠୁ ଭାଙ୍ଗି ରଖିବେ । ଗୋଇଠି ନିତମ୍ବ ପାଖରେ ରହୁଥିବା ଜରୁରୀ ।
ପାଦରେ ଚାପ ଦେଇ ନିତମ୍ବକୁ ଧୀରେଧୀରେ ଉଠାନ୍ତୁ ।
ଏହା ସହିତ କାନ୍ଧରେ ତଳେ ଚାପ ଦେଇ ଛାତି ଉପରକୁ ଉଠାଇବେ । ସ୍ପଞ୍ଜ ଇଟା ନେଇ କଟି ଏବଂ ନିତମ୍ବର ଯୋଡେଇ ସ୍ଥାନରେ ଭରାଦେବା ପରି ରଖିବେ । ଇଟାଟି ଯେପରି କେବଳ ତଳ ପିଠିକୁ ଲାଗୁନଥିବ ।
ଗୋଇଠିକୁ ଧୀରେ ଆଗକୁ ଘୁଞ୍ଚାଇ ଲମ୍ବାଇବାକୁ ଚେଷ୍ଟା କରନ୍ତୁ ।
ଆଣ୍ଠୁ କୁ ଷ୍ଟ୍ରେଚ୍ କରିବା ସହ ଗୋଡ ସିଧା ରଖିବେ ।
ହାତ ଦୁଇଟି ମଧ୍ୟ ମୁଣ୍ଡଉପରେ ନେଇ ସଳଖ ଭାବେ ଭୂମିରେ ଲଗାଇ ରଖିବେ । ତଳପେଟକୁ ଲଗାଇ ନିଶ୍ୱାସ ନେବା ସହିତ ଚାରି ମିନିଟ୍ ଏହି ଅବସ୍ଥାରେ ରହନ୍ତୁ ।
ଧୀରେଧୀରେ ଗୋଡ଼କୁ ଭାଙ୍ଗି ସାମାନ୍ୟ ଅବସ୍ଥାକୁ ଫେରି ଆସିବେ ।

ସ୍ମାର୍ଟ ବ୍ରେନ୍

ଖୁବଶୀଘ୍ର ମଣିଷର ବୁଦ୍ଧିର କ୍ଷମତା ବା ଇଣ୍ଟେଲିଜେନ୍ସି ଶୀଘ୍ର ବଢ଼ିପାରିବ । ଏ ଲାଗି ବୈଜ୍ଞାନିକମାନେ ବିକଶିତ କରୁଛନ୍ତି ହାଇଟେକ୍ ଚିପ୍ । ଯାହାକି ମସ୍ତିଷ୍କରେ ପ୍ରତିରୋପଣ ହୋଇପାରିବ । ସ୍ମାର୍ଟ ଚିପ୍ ବ୍ରେନ୍ କମ୍ପ୍ୟୁଟର ପରି କାମ କରିବ । ନର୍ଥ ୱେଷ୍ଟର୍ଣ୍ଣ ୟୁନିଭର୍ସିଟିର ନ୍ୟୁରୋ ସାଇଣ୍ଟିଷ୍ଟ ଡ. ମୋରାନ ସେଫ୍ ଏହାକୁ ବିକଶିତ କରୁଛନ୍ତି । ତାଙ୍କ ଉଦ୍ଦେଶ୍ୟ ରହିଛି ଲୋକଙ୍କ ବୁଦ୍ଧିକୁ ଆହୁରି ଅଧିକ ଶାଣିତ କରିବା । ଏଲନମସ୍କ ଯେତେବେଳ ବ୍ରେନ କମ୍ପ୍ୟୁଟର ବିକାଶ କଥା କହିଥିଲେ ସେତେବେଳେ ସେ ଏହାର ପରିକଳ୍ପନା କରିଥିଲେ । ବ୍ରେନରେ ଲାଗିବାକୁ ଥିବା ଚିପ୍ ଇଣ୍ଟରନେଟ୍ ସହିତ ଜଡ଼ିତ ରହିବ ଯାହା ଦ୍ୱାରା ପ୍ରଶ୍ନ ପଚାରିବା ମାତ୍ରେ ସଙ୍ଗେ ସଙ୍ଗେ ଉତ୍ତର ରଖିବ । ଏବେ ଚିପନର ଅଧିକ ଉନ୍ନତି ଦିଗରେ କାମ ଜାରି ରହିଛି । ଆଗାମୀ ୫ ବର୍ଷ ମଧ୍ୟରେ ସ୍ମାର୍ଟ ବ୍ରେନ ଚିପର କାମ ପୂରଣ ହେବ । ଆମେରିକା ଡିଫେନ୍ସ ଆଡଭାନ୍ସ ରିସର୍ଚ୍ଚ ପ୍ରୋଜେକ୍ଟ ଏଜେନ୍ସି ଯବାନମାନଙ୍କ ମସ୍ତିଷ୍କକୁ କ୍ଷମତାକୁ ବଢ଼ାଇବା ଲାଗି ଏହା ଉପରେ ଅଧିକ ଆଗ୍ରହ ଦେଖାଉଛନ୍ତି । ଏଜେନ୍ସି ଏନ ୩ ପ୍ରୋଗ୍ରାମ ଲାଗି ଏକ ଟିମ ଗଠନ କରିଥିଲା । ଯାହାର କାମ ଥିଲା ଯବାନଙ୍କ ମସ୍ତିଷ୍କ ତରଙ୍ଗ ବା ବ୍ରେନ ୱେଭସରୁ ସୂଚନା ପାଇବା ଓ ପ୍ରେରଣ କରିବା । ଆଉ ଏ ଟେକନିକ ଜରିଆରେ ମିଲିଟାରିକୁ ଡ୍ରୋନ ଓ ସାଇବର ଡିଫେନ୍ସ ସିଷ୍ଟମ କୁ କଣ୍ଟ୍ରୋଲ କରିପାରିବ ।

ହାଇଡ୍ରୋପୋନିକ୍ ଆଗ୍ରୋ କିଟ୍ ଦ୍ୱାରା ଘରେ ଚାଷ

ସହରରେ ରହୁଥିବା ଲୋକଙ୍କ ପାଇଁ ବିଶେଷ କରି ହାଇଡ୍ରୋପୋନିକ୍ ଆଗ୍ରୋ କିଟ୍ ଯାନ୍ତ୍ରିକ ଉପକରଣ ନିର୍ମାଣ କରାଯାଇଛି ଏହି ଉପକରଣ ମାଧ୍ୟମରେ ବିନା ମାଟିରେ ଜଣେ ବ୍ୟକ୍ତି ଆରାମରେ ଘରେ ବସି ଚାଷ କରିପାରିବେ । ଉପକରଣଟି ଦେଖିବା ପାଇଁ ଏକ ପାତ୍ର ପରି । ଯାହା କାଠ ଓ ପ୍ଲାଷ୍ଟିକରେ ନିର୍ମିତ ହୋଇଛି । ଏହି ପାତ୍ର ମଧ୍ୟରେ ଆଲୋକ, ଉତ୍ତାପ ,ବଂ ଆର୍ଦ୍ରତା ମୋବାଇଲ ଆପ୍ଲିକେସନ ମାଧ୍ୟମରେ ନିୟନ୍ତ୍ରଣ କହୋଇଥାଏ । ବାସ କେବଳ ଏହି ପାତ୍ର ମଧ୍ୟରେ ଆପଣମାନଙ୍କୁ ପାଣି ପକାଇବାକୁ ହୋଇଥାଏ । ପାତ୍ର ମଧ୍ୟରେ ଘଟୁଥିବା ସମସ୍ତ ଆର୍ଦ୍ରତାଜନିତ ସୂଚନା ଏହି ମୋବାଇଲ ଆପ୍ ଜଣାଇଦେବ । ଏହାସହ ଆପଣମାନେ ଚାହିଁଲେ ମୋବାଇଲ ଆପ ମାଧ୍ୟମରେ ତାପ ନିୟନ୍ତ୍ରଣ କରିପାରିବେ ।

ଶଙ୍ଖନାଦର ବିଶେଷତ୍ୱ

ହିନ୍ଦୁଧର୍ମରେ ଅନେକ ନୀତିନିୟମ ରହିଛି । ଏହି ନିୟମଗୁଡ଼ିକ ତିଆରି ପଛରେ ସହିତ ଉଭୟ ବୈଜ୍ଞାନିକ ଓ ଧାର୍ମିକ କାରଣ ରହିଛି । ସ୍ୱାସ୍ଥ୍ୟକୁ ଭଲ ରଖିବା ନିମନ୍ତେ ପ୍ରାଚୀନ ନିୟମଗୁଡ଼ିକ ତିଆରି

କରାଯାଇଛି । ଏପରି ଏକ ନି ନିୟମ ହେଉଛି ପୂଜା ସମୟରେ ଶଙ୍ଖ ବଜାଇବ । ମନ୍ଦିରଗୁଡ଼ିକରେ ସକାଳେ ଓ ସଂଧ୍ୟାବେଳେ ପୂଜା ସମୟରେ ଶଙ୍ଖନାଦ କରାଯାଏ । ଧର୍ମଗ୍ରନ୍ଥଗୁଡ଼ିକରେ ଶଙ୍ଖନାଦକୁ ଶୁଭ କୁହାଯାଇଛି । ସେଥିପାଇଁ ପୂଜାପାଠ ବ୍ୟତୀତ ବିବାହ, ବିଜୟ ଉତ୍ସବ, ରାଜ୍ୟାଭିଷେକ କିମ୍ବା କାହାରି ଆଗମନ ସମୟରେ ଶଙ୍ଖନାଦ କରାଯାଏ ଶଙ୍ଖନାଦ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଭଲ ହୋଇଥାଏ । ଶଙ୍ଖନାଦ ସମୟରେ ଅନେକ ଜୀବାଣୁ ଦୂରେଇ ଯାଆନ୍ତି । ପ୍ରାଚୀନକାଳରେ ଯୁଦ୍ଧର ଆରମ୍ଭ ଓ ଶେଷରେ ଶଙ୍ଖନାଦ କରାଯାଉଥିଲା । ଶଙ୍ଖଧ୍ୱନି ପ୍ରତିପକ୍ଷ ଦଳକୁ ଦୁର୍ବଳ କରିଦିଏ ବୋଲି ବିଶ୍ୱାସ କରାଯାଏ । ଶଙ୍ଖନାଦ ପ୍ରଦୂଷଣକୁ ମଧ୍ୟ ରୋକିବାରେ ସାହାଯ୍ୟ କରେ । ଶଙ୍ଖଧ୍ୱନିରେ ବାୟୁମଣ୍ଡଳରେ ଥିବା ଜୀବାଣୁଗୁଡ଼ିକ ବିଲୁପ୍ତ ହୋଇଯାଆନ୍ତି

ନଚେତ ନିଷ୍କ୍ରିୟ ହୋଇଯାନ୍ତି । ସକାଳେ ଓ ସନ୍ଧ୍ୟାବେଳେ ଶଙ୍ଖନାଦ ଦ୍ୱାରା ବାୟୁମଣ୍ଡଳ ବୀଜାଣୁରହିତ ହୋଇଯାଏ । ସୂର୍ଯ୍ୟ କିରଣ ଧ୍ୱନି ତରଙ୍ଗରେ ବାଧକ ଉପୁଯାଏ । ସେଥିପାଇଁ ସକାଳେ ସଧ୍ୟାବେଳେ ଶଙ୍ଖନାଦ କରାଯାଏ ଶଙ୍ଖନାଦ ଯୋଗୁଁ ହୃଦଘାତ ମଧ୍ୟ ହୋଇନଥାଏ । ଶଙ୍ଖନାଦ ଦ୍ୱାରା ହଇଜା ଓ ମ୍ୟାଲେରିଆ ଜୀବାଣୁ ମଧ୍ୟ ନଷ୍ଟ ହୋଇଯାଆନ୍ତି । ଏହାସହିତ ରକ୍ତଚାପ, ମଧୁମେହ, ନାକ ଓ କାନ ରୋଗ, ପାଚନ ଜାତୀୟ ରୋଗ ହେବା ଆଶଙ୍କା ମଧ୍ୟ କମ ଥାଏ ।

ଦୁର୍ବଳ କେଶ ପାଇଁ ଘିଅ

ଦେଶୀ ଘିଅ ଶରୀର ପାଇଁ ଖୁବ୍ ଉପକାରୀ ହୋଇଥାଏ । ଖାଦ୍ୟରେ ଦେଶୀ ଘିଅ ମିଶାଇବା ଦ୍ୱାରା ଏହାର ସ୍ୱାଦ ଦ୍ୱିଗୁଣିତ ହୋଇଥାଏ । ଏହା ଦୈନନ୍ଦିନ ଖାଇବା ଦ୍ୱାରା ଶରୀରର ହାଡ ମଧ୍ୟ ଶକ୍ତ ହୋଇଥାଏ । କିନ୍ତୁ ଆପଣ ଜାଣନ୍ତି କି ଘିଅକୁ କେଶରେ ବ୍ୟବହାର କରିବା କେତେ ଲାଭଦାୟକ ହୋଇଥାଏ । କେଶକୁ ସୁନ୍ଦର ଓ ଚମକଦାର କରିବା ପାଇଁ ଦୈନନ୍ଦିନ ଘିଅ ସେବନ କରିବା ଫଳଦାୟୀ ହୋଇଥାଏ । ତେବେ ଜାଣନ୍ତୁ ଘିଅର ଉପକାରିତା:

ରୁପିର ମୁକ୍ତି:- କେଶକୁ ଠିକ୍‌ରେ ଯତ୍ନ ନନେଲେ ରୁପି ହୋଇଥାଏ ଯଦି ରୁପିର କାରଣ ଶୁଷ୍କତା ତେବେ ଘିଅ ଔଷଧ ରୂପେ କାର୍ଯ୍ୟ କରିବ । ଯଦି କେଶରେ ରୁପି ହୋଇଛି ତେବେ ଘିଅକୁ ଅଳ୍ପ ଗରମ କରି ତାକୁ ଚୁଟି ମୂଳରେ ଭଲ କରି ଲଗାଇ ୧ଘଣ୍ଟା ପରେ ଉଷୁମ ପାଣିରେ ଧୋଇ ଦେବେ । ଏହି ପରି ବାରମ୍ବାର ମାସେ କରିବା ଦ୍ୱାରା ଚୁଟିରୁ ରୁପି ସମସ୍ୟା ଦୂର ହୋଇଯାଏ । ଏହା ଛଡ଼ା ଘିଅ ଓ ବାଦାମ ତେଲ ମିଶାଇ ଲଗାଇ କରି ୧୫ ମିନିଟରେ ଗୋଲାପ ଜଳ ପାଣିରେ ଧୋଇ ଦେଲେ ରୁପି ସମସ୍ୟା ରହେନାହିଁ ।

ଚୁଟି ଛିଡ଼ିବା- କେଶରେ ପୋଷଣ କମ ଥିବା ହେତୁ ଏହା ରୁଖା ଓ ମୃତ ଦେଖାଯାଏ । ଫଳରେ କେଶ ଛିଡ଼ି ଝଡ଼ିବାରେ ଲାଗିଥାଏ । ଏହି ସମସ୍ୟାକୁ ଏଡାଇବା ପାଇଁ ଦୈନନ୍ଦିନ ୧ଘଣ୍ଟା ଘିଅକୁ ଗରମ କରି ହାଲକା ମାଲିସ କରିବା ଦ୍ୱାରା କେଶ ଘନ ଓ ଚମକଦାର ଦେଖାଯାଏ ।

ଦୁଇମୁହାଁ କେଶରୁ ମୁକ୍ତି- କେଶକୁ ଚମକଦାର ଓ ନରମ କରିବା ପାଇଁ ଘିଅରେ ମାଲିସ କରନ୍ତୁ । ଫଳରେ କେଶ କଳା, ଘନ, ମଜବୁତ ଓ ନରମ ହୋଇଥାଏ । ଯଦି ଆପଣ ୩ଚାମଚ ଘିଅକୁ ଗରମ କରି ଲଗାଯାଏ ତେବେ ସମସ୍ତ ସମସ୍ୟାକୁ ଦୂର କରାଯାଇପାରିବ ।

ପୋଦିନାର ଉପକାରିତା

ତାଜା ପୋଦିନା ପତ୍ରକୁ କାଟି ସାଲାଡରେ ପକାଇଲେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦୂର ହୋଇଥାଏ ।
ସରବତରେ କଟା ପୋଦିନା ପତ୍ର ପକାଇ ପିଅନ୍ତୁ । ଏହା ହଜମଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିବ । ପୋଦିନା ପତ୍ରକୁ ଶୁଖାଇ ଗୁଣ୍ଡ କରି ରଖନ୍ତୁ । ତରକାରୀ ରାନ୍ଧିବା ପରେ, ଏହି ଗୁଣ୍ଡ ପକାଇଲେ ଝୋଳ ସ୍ୱାଦିଷ୍ଟ ଲାଗିଥାଏ ।
ପୋଦିନା ଯୁକ୍ତ ପାନୀୟ ସ୍ୱାସ୍ଥ୍ୟ ପାଇଁ ଭଲ । ଚିନି ମିଶ୍ରିତ ଜଳରେ କିଛି ପୋଦିନା ପତ୍ର ପକାଇ ଫୁଟାନ୍ତୁ ଏବଂ ଥଣ୍ଡା ହେବା ପରେ ପିଅନ୍ତୁ ।
ଗୋଟିଏ ପାତ୍ରରେ ଦହି, ପୋଦିନା ପତ୍ର, କଟାଅଦା ଓ ଲେମ୍ବୁରସ ଫେଣ୍ଟନ୍ତୁ । ସେଥିରେ ଲୁଣ, ଜିରା ଓ ଗୋଲମରିଚ ଗୁଣ୍ଡ ପକାଇ ପିଇବାକୁ ଦିଅନ୍ତୁ ।

ଡଗ୍ ଥେରାପି

ବିଭିନ୍ନ ପ୍ରକାର ଥେରାପି ସମ୍ବନ୍ଧରେ ଆପଣ ଜାଣିଥିବେ । ହେଲେ କେବେ 'ଡଗ୍ ଥେରାପି' ସମ୍ବନ୍ଧରେ ଶୁଣିଛନ୍ତି କି ? ବର୍ଷରୁ କମ ବୟସ୍କ ଶିଶୁମାନଙ୍କ ନିକଟରେ ଦେଖା ଯାଉଥିବା 'ଏଡିଏଚଡି' **Attention Deficit Hyperactivity Disorser** ନାମକ ରୋଗର ନିରାକରଣ ପାଇଁ ଏହି ଥେରାପି ବ୍ୟବହାର କରାଯାଇ ପାରିବ । ଉପଯୁକ୍ତ ଯତ୍ନ ଏବଂ ଧ୍ୟାନ ଅଭାବରୁ ଶିଶୁମାନଙ୍କ ନିକଟରେ ଏହି ରୋଗ ଦେଖାଯାଏ । ଏହା ଏକ ପ୍ରକାର ମାନସିକ ରୋଗ । ୟୁନିଭସିଟି ଅଫ୍ କାଲିଫର୍ଣ୍ଣିଆର ବିଶେଷଜ୍ଞମାନେ ଏହି ଥେରାପିର ଉଦ୍ଭାବନ କରିଛନ୍ତି । ହଗ୍ ଥେରାପି ପାଇଁ ଏକ ସ୍ୱତନ୍ତ୍ର ପ୍ରଜାତିର କୁକୁରକୁ ତାଲିମ ଦିଆ ଯାଇଥାଏ । ହସ୍ପିଟାଲରେ କିମ୍ବା ଘରେ ଏଡିଏଚଡି ରୋଗାଗ୍ରସ୍ତ ଶିଶୁମାନଙ୍କ ଉପଚାର ପାଇଁ ଶିଶୁମାନଙ୍କୁ ଏହି କୁକୁର ସହ ରହିବାକୁ ପଡ଼ିଥାଏ । ତାଲିମପ୍ରାପ୍ତ କୁକୁର ସହ ରହିବା ଦ୍ୱାରା ଶିଶୁର ମାନସିକ ସ୍ଥିତି ସ୍ୱାଭାବିକ ହୋଇ ପାରିବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି । ୧୨ ସପ୍ତାହ ଧରି ଏହି ଥେରାପି ନେବା ଦ୍ୱାରା ଏହି ରୋଗର ସମ୍ପୂର୍ଣ୍ଣ ଉପଚାର ହୋଇପାରିବ ।

ବିରକ୍ତିର କାରଣ କ'ଣ ?

ଯୁବପିଢ଼ି ହୁଅନ୍ତୁ ଅବା ବୟସ୍କ ବର୍ଗ, ଯଦି କେହି ସାମାନ୍ୟ କଥାରେ ବିରକ୍ତି କିମ୍ବା ଚିଡ଼ଚିଡ଼ା ହେଉଛନ୍ତି, ଏହାକୁ ସାମାନ୍ୟ ଭାବେ ଗ୍ରହଣ ନ କରି ବରଂ ସମାଧାନ ବାହାର କରିବା ଉଚିତ । ଦିଲ୍ଲୀର ମନସ୍ତତ୍ତ୍ୱବିତ ଏମ କାଭେରିଙ୍କ ମତରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ବିରକ୍ତି ହେଉଥିବାର ସଂଖ୍ୟାଧିକ କେସ ତାଙ୍କ ପାଖକୁ ନିୟମିତ ଆସୁଛି । ବିଭିନ୍ନ ପ୍ରକାର କେସ୍‌କୁ ଅନୁଧ୍ୟାନ କରିବା ପରେ ବିଶେଷଜ୍ଞ କହିଛନ୍ତି, ସାଧାରଣତଃ କାମର ଚାପ ଅଧିକ ପଡ଼ିଲେ ହିଁ ଜଣେ ବିରକ୍ତି ପ୍ରକାଶ କରିଥାଏ । ଏଭଳି ଅନେକ କ୍ଷେତ୍ରରେ ଲକ୍ଷ୍ୟ କରାଯାଉଛି ଯେ, ଜଣେ ବ୍ୟକ୍ତିକୁ ଅଧିକରୁ ଅଧିକ ଚାପ ଦିଆଯାଉଥିବାରୁ ଏଇ ଅସୁବିଧା ଉପୁଜେ । କାମର ଚାପ ବଢ଼ିବା କାରଣରୁ ଏମାନଙ୍କ ଜୀବନ ଶୈଳୀ ଦ୍ରୁତ ଭାବେ ପରିବର୍ତ୍ତନ ହୁଏ । ହସିବା, ବୁଲିବା ଅଦି ଏମାନେ ଭୁଲିଯାନ୍ତି । ସାମାନ୍ୟ କଥାରେ ଏଭଳି ବର୍ଗର ଲୋକେ ରାଜିଯାନ୍ତି । ଏସବୁ ଲକ୍ଷଣ ଅନ୍ୟମାନଙ୍କ ଦୃଷ୍ଟିଗୋଚର ହେବା ସତ୍ତ୍ୱେ ପରିବାରର ସଦସ୍ୟମାନେ କୌଣସି ସହାୟତା କରିନଥାନ୍ତି । ଏହି କାରଣରୁ ପରିସ୍ଥିତି ବେଳୁବେଳ ଅସହ୍ୟ ହୋଇଥାଏ । ଯଦି ଆପଣ ନିଜେ ଏଭଳି ପରିସ୍ଥିତିର ଭୁକ୍ତଭୋଗୀ, ତେବେ ସମାଧାନ ନିଜେ ହିଁ ବାହାର କରନ୍ତୁ । ଅନ୍ୟମାନଙ୍କ ସୁଖସୁବିଧା ପାଇଁ ନିଜକୁ ଉତ୍ସର୍ଗ ନକରି ବରଂ ନିଜକୁ ଖୁସି ଦେଲା ଭଳି ପ୍ରତ୍ୟେକ କାମ କରନ୍ତୁ । ଘରର ଅନ୍ୟ ସଦନନସ୍ୟଙ୍କୁ ଭଲଭାବେ ବୁଝାନ୍ତୁ ଯେ ଆପଣ କ'ଣ କରିବାକୁ ଚାହୁଁଛନ୍ତି ? ଦୈନିକ ନିଜ ପାଇଁ ଅତିକମ୍‌ରେ ୩୦ ମିନିଟରୁ ୧ଘଣ୍ଟା ପର୍ଯ୍ୟନ୍ତ ସମୟ ଦିଅନ୍ତୁ । ସେଇ ସମୟରେ ଗୀତ ଶୁଣିପାରିବେ କିମ୍ବା ବିଶ୍ରାମ ନେଇ ପାରିବେ । ନଚେତ ନିଜ ମନ ପସନ୍ଦର ଯେ କୌଣସି କାମ ମଧ୍ୟ କରିପାରିବେ ।



ସୁସ୍ଥ ହୃଦୟ ପାଇଁ ଅର୍ଦ୍ଧ ମତ୍ସ୍ୟେନ୍ଦ୍ରାସନ

ପ୍ରଥମେ ଦୁଇ ପାଦକୁ ଲମ୍ବାଇ ବସନ୍ତୁ । ବାମ ପାଦ ମୋଡ଼ି ତାର ଗୋଇଠିକୁ ଜନନେନ୍ଦ୍ରିୟ ମଧ୍ୟଭାଗରେ ରଖନ୍ତୁ । ଡାହାଣ ପାଦ ବାମ ପାଦର ଜଙ୍ଘ ପାଖରେ ଭୂମି ଉପରେ ସିଧା ଭାବେ ରଖନ୍ତୁ । ଡାହାଣ ଆଣ୍ଠୁ ପଛକୁ ମୋଡ଼ନ୍ତୁ । ଯେପରି ଆଣ୍ଠୁ ବାମ ହାତ କାଖ ତଳେ ରହିବ । ବାମ ହାତରେ ବାମ ଗୋଡ଼ର ଆଣ୍ଠୁକୁ ଧରନ୍ତୁ। ଶରୀରକୁ ଯେତେ ସମ୍ଭବ ଡାହାଣକୁ ମୋଡ଼ି ରଖନ୍ତୁ । ଡାହାଣ ହାତ ପଛ ଆଡ଼କୁ ଧୀରେଧୀରେ ବୁଲାଇ ଡାହାଣ ଗୋଡ଼ର ଗୋଇଠିକୁ ଧରନ୍ତୁ । ମୁହଁ ଡାହାଣକୁ ରଖନ୍ତୁ । ସିଧା ହୋଇ ବସନ୍ତୁ । ଏଇ ଅବସ୍ଥାରେ ୫/୧୦ ସେକେଣ୍ଡ ବସିବା ପରେ ବିଶ୍ରାମ କରି ପୁଣି ବିପରୀତ ଦିଗରେ ଏହି ଆସନଟିକୁ କରନ୍ତୁ । ମେରୁଦଣ୍ଡ ସିଧାରଖି ଓ ଶ୍ୱାସ କ୍ରିୟା ସ୍ୱାଭାବିକ କରନ୍ତୁ । ମୁଖମଣ୍ଡଳ ପୂର୍ବ ଦିଗକୁ ରହିବ । ନିୟମିତ ଆସନ କରିବା ଦ୍ୱାରା ମେରୁଦଣ୍ଡ ସିଧା ଓ ମଜଭୁତ ରହିବ । କୁଣ୍ଡଳିନୀକୁ ଶକ୍ତି ଜାଗ୍ରତ ହୁଏ । ଫୁସଫୁସ ଓ ହୃଦୟ ସବଳ ହୁଏ । ଯକୃତ ଦୋଷ ଦୂରହୁଏ । ରକ୍ତ ସଞ୍ଚାଳନ ଠିକ୍ ହୁଏ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୧ ଜାନୁଆରୀ ୨୦୨୨, ଶୁକ୍ରବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଆକାଶ ପାତାଳ ପ୍ରଭେଦ...

କରୋନା ସଂକ୍ରମଣ ଯନ୍ତ୍ରଣା ଦୁଇବର୍ଷ ଧରି କିଭଳି ହନ୍ତସନ୍ତ କରିଆସୁଛି ତାହା ସମସ୍ତଙ୍କର ଅଙ୍ଗେନିଭା କଥା। ମାନବସମାଜ ଏଭଳି ଗଣ ସଂକ୍ରମଣ ହୁଏତ କେବେ ହୋଇ ନଥିଲା, ତାହା ପୁଣି ଅଦୃଶ୍ୟ ଭୂତାଣୁର ଭଳିଭଳି ପ୍ରକାତି ଦ୍ୱାରା । ଥରେ ୨୦୧୯ ଶେଷ ଆଡ଼କୁ କରୋନା ସଂକ୍ରମଣ ଆରମ୍ଭ ହେଲା ଯେ, ୨୦୨୦ ଓ ୨୦୨୧ରେ ଲକ୍ଷ ଲକ୍ଷ ଲୋକଙ୍କ ମୁଣ୍ଡ ନେଲା । ତାହା ପୁଣି ଓମାଇକ୍ରମନ୍ ଭାରିଆଣ୍ଟ ହୋଇ ମାଡ଼ିଚାଲିଛି ୨୦୨୨ରେ । ପୂର୍ବ ଦୁଇ ଲହରରେ ସଂକ୍ରମଣର ହାର ଯେମିତି ତୀବ ଥିଲା, ତାହାର ପ୍ରକୋପ ଏଥର ଭିନ୍ନ ରୂପରେ ପ୍ରକଟିତ ହେଉଛି ସତଙ୍ଗ ମାତ୍ର ତାହାର କ୍ଷୀପ୍ର ଗତି ସହିତ ସାମାନ୍ୟ ଲକ୍ଷଣ ଏମିତିରେ ସମସ୍ତଙ୍କୁ ଭୀତତ୍ରସ୍ତ କରିରଖୁଛି । ବ୍ୟାପକ ଟିକାକରଣ ଏଥିନେଇ କେତେ ପ୍ରତିରୋଧ କ୍ଷମତା ରଖିଛି, ତାହା ଏବେସୁଦ୍ଧା ପ୍ରମାଣସିଦ୍ଧ ହୋଇନଥିବାରୁ ତୃତୀୟ ଡୋଜକୁ ସାର୍ବଜନୀନ ପ୍ରୟୋଗ ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ଏଭଳି ଡୋଜ୍ ପରେ ଡୋଜ୍ କେତେଥର ଚାଲିବ କି' ଏତିକିରେ ଶେଷ ହୋଇଯିବ, ନିଧାର୍ଯ୍ୟ ରୂପେ କହିବାଭଳି କୌଣସି ବିଶେଷଜ୍ଞ ନାହାନ୍ତି । କରୋନା ପାଇଁ ଧନ ଓ ଜୀବନ କ୍ଷତି ଫଳରେ ଯେଉଁଭଳି ସନ୍ତୁଳନ ବିଗିଡ଼ି ଯାଇଛି, ତାହା ବର୍ଣ୍ଣନାତୀତ । ସାମାଜିକ ଅସମାନତା ବୃଦ୍ଧି ପାଇବା ମାନବ ସମାଜ ଲାଗି ବହୁତ ବଡ଼ ଅଭିଶାପ ହୋଇଛି । ସାମଗ୍ରିକ ଭାବରେ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ତାହାର ନଗଦ ପ୍ରଭାବ ବେକାରି । ବୃଦ୍ଧି, ଉତ୍ପାଦନ ହ୍ରାସ ସହିତ ବିଭିନ୍ନ କ୍ଷେତ୍ରରେ ଦେଖାଦେଇଛି । ବିପର୍ଯ୍ୟସ୍ତ ଅର୍ଥନୀତିକୁ ନିୟମିତ ଗୁଳାରେ ପକାଯିବା ପାଇଁ ଥର ଥର କରି ଆର୍ଥିକ ପ୍ୟାକେଜ୍ ଘୋଷଣା ମହା ସଂକ୍ରମଣ ପାଇଁ ସୃଷ୍ଟି ହୋଇଥିବା ଗଡଁ ଭରିବାରେ ସରିଯାଇଛି । ତାହା ମହାସଂକଟର ମୁକାବିଲା ପାଇଁ ଦୂରଗାମୀ ସମାଧାନ ସାବ୍ୟସ୍ତ ହୋଇପାରିନାହିଁ । ବିପରୀତ ପକ୍ଷେ ଧନୀ-ଦରିଦ୍ର ବ୍ୟବଧାନକୁ ଏହା ବଢ଼ାଇ ଦେଇଛି । ବିଦେଶରେ ଅଢ଼ପତିଙ୍କ ସଂଖ୍ୟା କିଭଳି ବଢ଼ିଛି, ତାହା ନେଇ ତଥ୍ୟ ଓ ପରିସଂଖ୍ୟାନ ଅନେକଙ୍କୁ ବିସ୍ମିତ କରିଛି । ଆମ ଦେଶରେ ମଧ୍ୟ ଧନପତିମାନଙ୍କର ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି । କରୋନା କାଳର ହିସାବରୁ ଜାଣି ହେଉଛି ଆମ ଏଠାରେ ଅର୍ବୁଦପତିମାନଙ୍କ ସଂଖ୍ୟା ଓ ତାଲିକା କେବଳ ବଢ଼ି ନାହିଁ, ସେମାନଙ୍କ ସମ୍ପତ୍ତିରେ ବହୁ କୋଟି ଯୋଡ଼ି ହୋଇଛି । କେବେ ଶିପତି କହିଲେ ଜନସାଧାରଣ ଟାଟା-ବିରଳାକୁ ବୁଝୁଥିଲେ । ମାତ୍ର ଆଜିକା ଦିନରେ ତାହା ବଦଳିଯାଇ ଲୋକମୁଖରେ ଶୁଣାଯାଉଛି ଅୟାନିଆଦାନି । ୨୦୨୧ରେ ଯେତେବେଳେ କରୋନା ସଂକ୍ରମଣ ଶିଖରରେ ଥିଲା ସେହି ବର୍ଷ ଗୌତମ ଆଦାନିଙ୍କ ସମ୍ପତିରେ ୫୫ବିଲିଅନ୍ ଡଲାର ଅଧିକ ଯୋଡ଼ି ହୋଇଛି । ଦେଶର ସର୍ବବୃହତ୍ ଧନୀ ହିସାବରେ ଗଣାଯାଉଥିବା ମକେଶ ଅୟାନିଙ୍କ ସମ୍ପତ୍ତିରେ ୧୩ଶହ କୋଟି ଡଲାର ଯୋଡି ହୋଇଛି । ଏହି ଦୁଇ ଶିଗୋଷ୍ଠୀ ଆଗ ପଛ ହୋଇ ରହୁଛନ୍ତି । କେତେବେଳେ ମୁକେଶଙ୍କ ଗୋଷ୍ଠୀର ସମ୍ପତି ମୂଲ୍ୟ ଅଧିକ ତ' କେତେବେଳେ ଗୌତମଙ୍କର। ସଂକ୍ରମଣ କାଳରେ କିଭଳି ଧନୀ ଅଧିକ ଧନ କମାଇଛନ୍ତି, ଗରିବ ଅଧିକ ଗରିବ ହୋଇଛନ୍ତି, ତାହାର ପ୍ରମାଣ ନେଇ ତଥ୍ୟ ଖୋଜିବା ଦରକାର ପଡ଼ିନପାରେ। କରୋନାର ପ୍ରଥମ ଲହରରେ କ୍ଷତିଗ୍ରସ୍ତ କଳକାରଖାନାରୁ ଲକ୍ଷ ଲକ୍ଷ ସଂଖ୍ୟାରେ କର୍ମଚ୍ୟୁତ ହୋଇ ଯେଭଳି ପ୍ରବାସୀଙ୍କର ଛୁଅ ଛୁଟିଲା,ତାହା ଦେଶ ଦେଖିଛି । ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ଆକାଶ ଛୁଇଁଲା, ନିଜ ବେପାର ଛାଡ଼ି ଲୋକମାନେ ପେଟ ପୋଷିବା ଲାଗି ପେସା ବଦଳାଇଲେ । ହେଲେ ସେମାନଙ୍କ ପାଇଁ ଦୁର୍ଦ୍ଦଶାରୁ ମୁକ୍ତି କଳାଭଳି ଆଖିଦୃଶିଆ ବ୍ୟବସ୍ଥା କରାଯାଇପାରିଲା ନାହିଁ । ସାମୂହିକ ଭାବରେ ବିପର୍ଯ୍ୟସ୍ତ ଅବସ୍ଥାରୁ କିଏ କାହାକୁ ସହାୟକ ହେବ, ତାହା ଚିନ୍ତାର ବାହାରେ ହୋଇପଡ଼ିଲା । କେନ୍ଦ୍ରୀୟ ବ୍ୟାଙ୍କ, ଅର୍ଥ ମନ୍ତ୍ରଣାଳୟ ଡୋଜ୍ ପରେ ଡୋଜ୍ ଆର୍ଥିକ ସହାୟତା ଦେଲେ ସିନା, ତାହା ଆଶାଜନକ ସୁଫଳ ଦେବାରେ ସମର୍ଥ ହେଲା ନାହିଁ । ମାତ୍ର ଅଦୃଶ୍ୟ କାରଣରୁ ବୃହତ୍ ଧନୀମାନେ ସମ୍ବଳ ବଢାଇବାରେ ସକ୍ଷମ ହେବା କରୋନା ସୌଜନ୍ୟରୁ ହୋଇଥିବା ଅର୍ଥଶାସ୍ତ୍ରୀ ମାନେ ଦେଖିପାରୁଛନ୍ତି । କେହି କେହି ଏଥିପାଇଁ ସରକାରଙ୍କ ଆର୍ଥିକ ପରିଚାଳନାକୁ ଦାୟୀ କରୁଥିବାର ଦେଖାଯାଉଛି । ମାତ୍ର ବାସ୍ତବତା ଭିନ୍ନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅୟାନି, ଆଦାନି, ବିରଳା, ପ୍ରେମ୍‌ଜୀ, ନାଦରଙ୍କ ଭଳି ମହାକୋଟିପତିଙ୍କ ସାମ୍ରାଜ୍ୟ ବିସ୍ତାର ସେମାନଙ୍କର କାର୍ଯ୍ୟକୁଶଳତା ଉପରେ ନିର୍ଭର କରୁଥିବା ଯୋଗୁଁ ସମ୍ଭବ ହୋଇଛି । ପାଠ କହୁଛି ; କାହାର ପୁଷମାସ ତ' କାହାର ସର୍ବନାଶ । ଧନୀ-ଦରିଦ୍ର ବ୍ୟବଧାନ ବୃଦ୍ଧି କିଭଳି କୋଟି କୋଟି ଲୋକଙ୍କ ପାଇଁ ସର୍ବନାଶୀ ସାବ୍ୟସ୍ତ ହୋଇଛି, ତାହାର ପ୍ରମାଣ ହାତେ ହାତେ ମିଳିସାରିଛି । ଧନୀକମାନଙ୍କ ଅଧକ ସମ୍ବଳ ଯୋଡ଼ି ବା ପ୍ରତିଯୋଗିତା ରାଷ୍ଟ୍ର ତଥା ବିଶ୍ୱ ବାସୀଙ୍କ ସ୍ଥିତି ଲାଗି ସର୍ବନାଶର କାରଣ ହୋଇଛି । ଏଭଳି ଦୁସ୍ଥିତି ପାଇଁ କାହାକୁ ଦାୟୀ କରିବା ?

ଦେଉବାଙ୍କ ଦୂରଦୃଷ୍ଟି

ସୌମେନ୍ଦ୍ର ଜେନା

ଓଲିଙ୍କ ଶାସନ କାଳରେ ଅନେକଗୁଡିଏ ଭାରତ ବିରୋଧୀ ଗୁଗ୍‌ଲୀ ଗ୍ରୁପ ଚଳାଇ ଦ୍ୱିପାକ୍ଷିକ ସଂପର୍କକୁ ଖରାପ କରିଥିବା ନେପାଳ ଏବେ ଶେର ବାହାଦୂର ଦେଉବାଙ୍କ ନେତୃତ୍ୱରେ ଭାରତର ନିକଟତର ହେବାକୁ ଚେଷ୍ଟା କରୁଛି । ଓଲିଙ୍କ ଶାସନ କାଳରେ ଚୀନର ନେପାଳ ରାଷ୍ଟ୍ରଦୂତ ଜଣେ ବଡ ମାର୍ଗଦର୍ଶିକା ଭାବେ କାର୍ଯ୍ୟ କରୁଥିବାର ଅଭିଯୋଗ ହେଉଥିଲା । ତାଙ୍କର କୁପରାମର୍ଶକ୍ରମେ ପ୍ରଧାନମନ୍ତ୍ରୀ ଓଲି ଲିମ୍ପିଆଧୁରା, ଲିପୁଲେଖ ଓ କଳାପାଣି ଅଞ୍ଚଳକୁ ନେପାଳର ଦର୍ଶାଇ ନୂତନ ମାନଚିତ୍ର ଜାରି କରିଥିଲେ । କେବଳ ସେତିକି ନୁହେଁ କେପିଶର୍ମା ଓଲି ଆଉ ଦୁଇ ପାହୁଣ୍ଡ ଆଗକୁ ଯାଇ କହିଥିଲେ ଯେ ନେପାଳର ଚିତୱାନ ଜିଲ୍ଲା ଅନ୍ତର୍ଗତ ମାଦିଠାରେ ପ୍ରଭୁ ରାମଚନ୍ଦ୍ର ଜନ୍ମଲାଭ କରିଥିଲେ, ଭାରତର ଅଯୋଧାରେ ନୁହେଁ। ସେମିତି ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ କହିଥିଲେ ଯେ ନେପାଳ ଯୋଗର ଜନ୍ମଭୂମି ଭାରତ ନୁହେଁ । ନେପାଳର କମ୍ୟୁନିଷ୍ଟ ଶାସନ କାଳରେ ଭାରତ ବିରୋଧୀ ପ୍ରଚାର ଗଣମାଧ୍ୟମର ମୁଖ୍ୟଧାରା ହୋଇଥିଲା । ଚୀନର ପ୍ରୋତ୍ସାହନ କ୍ରମେ ଅନେକ ସ୍ଥାନୀୟ ସଂଗଠନ ଭିନ୍ନ ଭିନ୍ନ ପ୍ରକାରେ ଭାରତ ବିରୋଧୀ ଏଜେଣ୍ଡା ନେଇ କାର୍ଯ୍ୟ ଜାରି ରଖିଥିଲେ । ୨୦୨୧ ମଇ ମାସରେ ଓଲିଙ୍କ ସରକାରର ପତନ ଠାରେ ବରିଷ୍ଠ ନେପାଳୀ କଂଗ୍ରେସ ନେତା ଶେର ବାହାଦୂର ଦେଉବା ନେପାଳର ପ୍ରଧାନମନ୍ତ୍ରୀ ହେବା ପରଠାରୁ ଦୁଇଦେଶ ମଧ୍ୟରେ ରହିଥିବା ଦୂରତାକୁ ହ୍ରାସ କରିବାକୁ ଚେଷ୍ଟା ଚଳାଇଛନ୍ତି । ଗୋଟିଏ ମାସର ଶାସନଗତ ଅସ୍ଥିରତା ପରେ ନେପାଳ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ୧୨ ଜୁଲାଇରେ ଦେଉବାଙ୍କୁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦେବାକୁ ରାୟ ହୋଇଥିଲା । କାରଣ କମ୍ୟୁନିଷ୍ଟ ଦଳଗୁଡିକ ମଧ୍ୟରେ ମତଭେଦ ଯୋଗୁ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ପାଞ୍ଚମାସ ଭିତରେ ଦ୍ୱିତୀୟଥର ପାଇଁ ୨୨ ମଇ ୨୦୨୧ଦିନ ସାଂସଦକୁ ଭଙ୍ଗ କରି ୧୨ ଓ ୧୯ ନଭେମ୍ବରରେ ନିର୍ବାଚନ ପାଇଁ ଘୋଷଣା କରିଥିଲେ । ଯାହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହୋଇଥିଲା । ୧୩ଜୁଲାଇରେ ଦେଉବା ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବାପରେ ୧୮ଜୁଲାଇରେ ଆସ୍ଥା ଭୋଟ ମାଗି ସମସ୍ତଙ୍କୁ ଚକିତ କରିଦେଇଥିଲେ । ସେ ସୁବିଧାରେ ଆସ୍ଥା ଭୋଟରେ ବିଜୟୀ ହୋଇ ନିର୍ବାଚନକୁ ଏଡାଇ ଦେବାକୁ ସକ୍ଷମ ହେଲେ । ଆସ୍ଥା ମତରେ ବିଜୟୀ ହେବା ପରଦିନ ୧୯ ଜୁଲାଇରେ ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ କରି ଦ୍ୱିପାକ୍ଷିକ ଐତିହାସିକ ସଂପର୍କ, ସଂସ୍କୃତି ଓ ଧର୍ମର ପରମ୍ପରା ବିଷୟରେ ଉଲ୍ଲେଖ କରିଥିଲେ । ଦେଉବା ପଦଭାର ଗ୍ରହଣ କରିବା ପରଠାରୁ ଦୁଇଦେଶ ମଧ୍ୟରେ ସାତଥର ଆଲୋଚନା ହୋଇସାରିଲାଣି ।

ଗତ ଅକ୍ଟୋବର ମାସରେ ନେପାଳୀ କଂଗ୍ରେସର ଏକ ପ୍ରତିନିଧିଦଳ ବରିଷ୍ଠ ନେତା ତଥା ସହ ସାଧାରଣ ସଂପାଦକ ପ୍ରକାଶ ସରଣ ମହତଙ୍କ ନେତୃତ୍ୱରେ ନୂଆଦିଲ୍ଲୀ ଗସ୍ତ କରି ଭାରତର ବିଦେଶମନ୍ତ୍ରୀ ଜେ.ଜୟଶଙ୍କର ଏବଂ ବିଜେପି ଅଧ୍ୟକ୍ଷ ଜେପି ନଡ୍‌ଡାଙ୍କୁ ସାକ୍ଷାତ କରିଥିଲେ । ସେହି ବୈଠକର ମୂଳ ଉଦ୍ଦେଶ୍ୟ ଥିଲା ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ କରିବା ।

ଗତ ସେପ୍ଟେମ୍ବର ମାସରେ ଜାତିସଂଘ ସାଧାରଣ ପରିଷଦର ବୈଠକ ବେଳେ ଭାରତର ବିଦେଶମନ୍ତ୍ରୀ ଜେ.ଜୟଶଙ୍କରଙ୍କ ସହ ନେପାଳର ନୂତନ ବିଦେଶମନ୍ତ୍ରୀ ଡକ୍ଟର ନାରାୟଣ ଖଡକାଙ୍କର ସାକ୍ଷାତ ହୋଇଥିଲା । ଦୁଇ ରାଷ୍ଟ୍ରର ବିଦେଶମନ୍ତ୍ରୀ ଦ୍ୱିପାକ୍ଷିକ ସଂପର୍କକୁ କେନ୍ଦ୍ରକରି ବ୍ୟାପକ ଆଲୋଚନା କରିଥିଲେ । ଦୁଇ ରାଷ୍ଟ୍ର ନିକଟତର ହୋଇ କାର୍ଯ୍ୟ କରିବାକୁ ଦୁହେଁ ମତ ଦେଇଥିଲେ ।

ନଭେମ୍ବର ମାସ ଆରମ୍ଭରେ ଇଉରୋପର ଗ୍ଲାସଗୋଠାରେ ଜାତିସଂଘ ପକ୍ଷରୁ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ଆଲୋଚନାରେ ଅଂଶଗ୍ରହଣ କରିବା ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମଥର ପାଇଁ ନେପାଳ ପ୍ରଧାନମନ୍ତ୍ରୀ ଦେଉବାଙ୍କୁ ସାକ୍ଷାତ କରିଥିଲେ । ଦୁଇଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ବେଶ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥାବାର୍ତ୍ତା ହୋଇଥିଲା । ଜଳବାୟୁ ପରିବର୍ତ୍ତନ, କୋରୋନା ପରିସ୍ଥିତି, କୋରୋନା ପର ବ୍ୟବସ୍ଥା ସଂପର୍କରେ ଦୁଇନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହା ପରେ ପରେ ସେହି ନଭେମ୍ବର ମାସରେ ନେପାଳର ସେନାମୁଖ୍ୟ ଜେନେରାଲ ପ୍ରଭୁରାମ ଶର୍ମା ଗ୍ରିଦିନିଆ ଭାରତ ଗସ୍ତରେ ଆସି ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସଂପର୍କ ନେଇ ଆଲୋଚନା କରିଥିଲେ । ଭାରତର ସେନାଧ୍ୟକ୍ଷ ଜେନେରାଲ ମନୋଜ ମୁକୁନ୍ଦ ନରବଣେଙ୍କ ନିମନ୍ତ୍ରଣ କ୍ରମେ ଭାରତ ଗସ୍ତ କରିଥିବା ନେପାଳ ସେନାଧ୍ୟକ୍ଷଙ୍କୁ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନଜନକ ଭାରତର ସେନାଧ୍ୟକ୍ଷ ପଦରେ ସମ୍ମାନିତ ହୋଇଥିଲେ । ପୂର୍ବରୁ ଜେନେରାଲ ନରବଣେ ନେପାଳରେ ମଧ୍ୟ ସମାନ ଭାବରେ ସମ୍ମାନିତ କରିଥିଲେ । ଦୁଇଦେଶର ସେନା ବାହିନୀ ମଧ୍ୟରେ ଏହି ପରମ୍ପରା ଆଗରୁ ରହିଆସିଛି । ଗୋଟିଏ ଦେଶର ସେନାଧ୍ୟକ୍ଷଙ୍କୁ ଅନ୍ୟ ଦେଶର ସମ୍ମାନୀୟ ସେନାଧ୍ୟକ୍ଷର ମାନ୍ୟତା ପ୍ରଦାନ କରାଯାଇଥାଏ ।

ଓଲିଙ୍କ କମ୍ୟୁନିଷ୍ଟ ଦଳ ଶାସନକାଳରେ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକଠାରୁ ନେପାଳ ଦୂରେଇଯାଇ ଚୀନପରି ଏକଛତ୍ରବାଦୀ ଶାସନକୁ ଅନୁସରଣ କରିଗ୍ଲିଥିଲା । ନେପାଳରେ ମଧ୍ୟ ଓଲି ଚୀନର ଜିନପିଙ୍ଗଙ୍କ ପରି କଥାବାର୍ତ୍ତା କରିବା ସହ ଅହଂ ପ୍ରଧାନ ବ୍ୟବହାର ପ୍ରଦର୍ଶନ କରୁଥିଲେ । ନେପାଳର ପୁରୁଣା ବନ୍ଧୁରାଷ୍ଟ୍ର ଭାରତ ଓ ଆମେରିକାଠାରୁ ଦୂରେଇଯାଇ ଚୀନକୁ ପ୍ରାଧାନ୍ୟ ଦେଉଥିଲେ । ଏହି ଦୁଇରାଷ୍ଟ୍ରର ଆର୍ଥିକ ସହାୟତା ଆବଶ୍ୟକ ନଥିବା କଥା ଖୋଲାଖୋଲି କହୁଥିଲେ । କିନ୍ତୁ ଦେଉବା ଶାସନକୁ ଆସିବାପରେ ବିଗତ ଦିନରେ ଚୀନର ବିମାନ ନେପାଳରେ ଉଡିବା ବନ୍ଦ କରିଛନ୍ତି । ୨୦୨୧ରେ ଚୀନ ସରକାର ନିଜ ପୁରୁଣା ବେସାମରିକ ବିମାନ ବିକ୍ରୀ କରିବାକୁ ନେପାଳ ଓ ବଙ୍ଗଳାଦେଶ ନିକଟରେ ପ୍ରସ୍ତାବ ରଖିଥିଲେ । ବଙ୍ଗଳାଦେଶ ପ୍ରସ୍ତାବରେ ରାଜି ହେଲାନାହିଁ । କିନ୍ତୁ ନେପାଳ ଶସ୍ତା ଦେଖି ଏବେ ହିନସ୍ତା ଭୋଗ କରୁଛି । ୨୦୧୪ରେ ଚୀନଠାରୁ ୨ଟି ଜିଆନ ଏମ୍‌ଏ -୬୦ ଏବଂ ୪ଟି ହେର୍ବୋନ ୱାଇ -୧୨ ଛୋଟ ବିମାନ ନେପାଳ କିଣିଥିଲା । କିନ୍ତୁ ବର୍ଷକପରେ ଏହି ବିମାନ ସବୁ ଖରାପ ହେବାକୁ ଲାଗିଲା । ଏସବୁକୁ ଗ୍ଲୁ ଅବସ୍ଥାରେ ରଖିବାକୁ ଆୟଠାରୁ ଅଧିକ ଖର୍ଚ୍ଚ ହେଲା । ଜୁଲାଇ ୨୦୨୦ରୁ ବିମାନଗୁଡିକ ବନ୍ଦ ପଡିଛି । ଓଲି ସରକାର ଚୀନା ବିମାନର ବିଫଳତା ବିଷୟରେ ଚୁପ୍ ରହିଥିଲେ । ଏବେ ଦେଉବା ସରକାର ଚୀନରୁ ବିମାନ କିଣାକୁ ବେଆଇନ କରିଛନ୍ତି । ଯାହାକୁ କହନ୍ତି ଚୀନ କା ମାଲ୍-ଦରିଆମେଁ ଡାଲ । ନେପାଳ ହାତରେ ପୁରୁଣା ବିମାନକୁ ଲୋଭ ଦେଖାଇ ଚୀନ ଶସ୍ତାରେ ବିକ୍ରୀ କରିଥିଲା । ଏବେ ସେଗୁଡିକର ଉଡାଣ ପାଇଁ ଆୟ ଅପେକ୍ଷା ବ୍ୟୟ ଅଧିକ ହେଉଛି । ଏହା ଛଡା ସଡକ, ରେଳ ଯୋଗାଯୋଗ ଆଦି ଯୋଗାଯୋଗର ଢାଞ୍ଚାଗତ ନିର୍ମାଣ ପାଇଁ ନେପାଳ ଚୀନର ଏକ ସଡକ ଯୋଜନାରେ ଯୋଗ ଦେଇସାରିଛି । ଏବେ ଚୀନଠାରୁ ଅଧିକ ଅର୍ଥ ଆଣିବା ଅପେକ୍ଷା ଆମେରିକାଠାରୁ ଅଧିକ ଅର୍ଥ ଆଣିବା ପାଇଁ ନେପାଳ ସରକାର ଯେଉଁ ପ୍ରୟାସ ଚଳାଇଛନ୍ତି ତା ପଛରେ ଭାରତ ସରକାରଙ୍କ କୂଟନୀତିକ ସମର୍ଥନ ରହିଛି । ଫଳସ୍ୱରୂପ ନଭେମ୍ବର ମାସରେ ଆମେରିକାର ଦକ୍ଷିଣ କେନ୍ଦ୍ର ଏସିଆର ଉପସଚିବ ଡୋନାଲଡଲୁ ନେପାଳ ପ୍ରଧାନମନ୍ତ୍ରୀ ଦେଉବାଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ । ସେହିମାସ ଉପ ଯୁଗ୍ମ ସଚିବ କେଲି କିଡରଲିଙ୍ଗ ମଧ୍ୟ କାଠମାଣ୍ଡୁ ଗସ୍ତ କରି ଦୁଇ ଦେଶ ମଧ୍ୟରେ କୂଟନୀତିକ ସଂପର୍କର ୭୫ବର୍ଷ ପୂର୍ତ୍ତି ଅବସରରେ ବ୍ୟାପକ ଆଲୋଚନା କରିଥିଲେ । ଆମେରିକାର ବିଦେଶ ସଚିବ ଆଣ୍ଟୋନୀ ବ୍ଲିଙ୍କେନ୍ ନେପାଳର ବିଦେଶମନ୍ତ୍ରୀ ଖଡକାଙ୍କ ସହ ମିଶିକାର୍ଯ୍ୟ କରିବା ପାଇଁ ପୂର୍ବରୁ କହିସାରିଛନ୍ତି ।

ନେପାଳରେ ଭାରତ ପ୍ରତି ଶ୍ରଦ୍ଧା ରଖୁଥିବା ନେପାଳୀ କଂଗ୍ରେସର ସରକାର କ୍ଷମତାକୁ ଆସିବା ପରଠାରୁ ଭାରତର ସହାୟତା କ୍ରମେ ନେପାଳରେ ଚାଲୁଥିବା ପ୍ରକଳ୍ପଗୁଡିକର କାର୍ଯ୍ୟ ଜୋର ଧରିଛି । ଗତ ଡିସେମ୍ବର ମାସରେ ଭାରତର ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ଘୋଷଣାନୁଯାୟୀ ୨୦୧୫ରେ ନେପାଳର ଭୂକମ୍ପ ପ୍ରପୀଡିତଙ୍କ ପାଇଁ ଭାରତ ସରକାର ୫୦୦୦୦ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି । ନେପାଳରେ ଗୋର୍ଖା ଏବଂ ନୱାକୋଟ ଜିଲ୍ଲାରେ ଏହିସବୁ ଘର ଭାରତ ସରକାରଙ୍କ ଆର୍ଥିକ ସହାୟତା କ୍ରମେ ନିର୍ମିତ ହୋଇଛି ।

ଗତ ନଭେମ୍ବର ମାସରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିରୋଧୀ ଦଳ ନେତା କେପିଶର୍ମା ଓଲି ସିପିଏନ୍-ୟୁଏମ୍‌ଏଲ ମେ ର ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି । ଠିକ୍ ସେମିତି ଡିସେମ୍ବରରେ ପ୍ରଧାନମନ୍ତ୍ରୀ ଦେଉବା ମଧ୍ୟ ନେପାଳୀ କଂଗ୍ରେସର ଅଧ୍ୟକ୍ଷ ଭାବେ ଗ୍ରୁରିବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି । ତେବେ ଆମେରିକାର ୬୩୦ ମିଲିଅନ ଡଲାର ପ୍ରକଳ୍ପକୁ ନେଇ ନେପାଳରେ ରାଜନୈତିକ ମତଭେଦ ସୃଷ୍ଟି ହୋଇଛି । ଚୀନ ପକ୍ଷରୁ ନେପାଳର ନେତାମାନଙ୍କ ଉପରେ ପ୍ରବଳ ଗ୍ରୁପ ପ୍ରୟୋଗ କରାଯାଉଛି । ୨୦୧୭ରେ ପ୍ରକଳ୍ପ ପାଇଁ ବୁଝାମଣା ହୋଇଥିଲା । ଏମ୍‌ସିସି ଅନୁଦାନ କାର୍ଯ୍ୟକାରୀ ହେଲେ ନେପାଳ ଆମେରିକାର ନିକଟତର ସହଯୋଗୀ ହେବ ଏବଂ ଆମେରିକାର ଅନେକ ଗ୍ରୁପରେ କାର୍ଯ୍ୟକରିବ ବୋଲି ଚୀନା ସମର୍ଥକ କେତେକ ନେତା ମତ ଦେଉଛନ୍ତି । ଆମେରିକାର ଅନୁଦାନକୁ ଉପଯୋଗ କରିବାକୁ ଦେଉବା ଦୃଢ ରହିଛନ୍ତି । ଜଳ ବିଦ୍ୟୁତ ପ୍ରକଳ୍ପ ପାଇଁ ଏହି ଅର୍ଥ ବ୍ୟୟ ହେବ । ଦେଉବା ତାଙ୍କର ଦୀର୍ଘ ଅନୁଭୂତି, ରାଜନୈତିକ ଦକ୍ଷତା ନେଇ ଆଗାମୀ ଦିନରେ ନେପାଳର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ କରି ସ୍ଥାୟୀ ବିକାଶ ଦୃଷ୍ଟିରୁ କାର୍ଯ୍ୟ କରିବେ ବୋଲି ସମସ୍ତଙ୍କର ଆଶା ରହିଛି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ମହାବାତ୍ୟାର ସ୍ମରଣେ

ଡାଃ ସୁରେନ୍ଦ୍ର ନାଥ ଦାଶ

୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ଦିନ ଏକ ଭୟଙ୍କର ସାମୁଦ୍ରିକ ଝଡ ବଙ୍ଗୋପ ସାଗରରୁ ଆସି ପାରାଦିପ ବନ୍ଦରର ମହାନଦୀ ମୁହାଣରେ ଅବପାତ ଘଟିଲା । ସିଭିଅର ସୁପର ସାଇକ୍ଲୋନ ନାମରେ ନାମିତ ଏହି ବାତ୍ୟା ଉତ୍ତର ଭାରତ ମହାସାଗରରେ ଅତୀତ ରେ ହୋଇଥିବା ସମସ୍ତ ବାତ୍ୟା ଠାରୁ ଭୟଙ୍କର ଥିଲା । ସରକାରୀ ତଥ୍ୟ ଅନୁଯାୟୀ ବାତ୍ୟାରେ ୧୧ ହଜାର ବ୍ୟକ୍ତି ମୃତ୍ୟୁ ଷୋଷିତ ହେଲେ ମଧ୍ୟ, ବେସରକାରୀ ହିସାବରେ ପ୍ରାୟ ୩୦ ହଜାର ଲୋକ ମରିଥିଲେ ।୧୬ ଲକ୍ଷ ଘର ଭାଙ୍ଗି ଥିଲା ।୫/୬ ମିଟର ଉଚ୍ଚର ସାମୁଦ୍ରିକ ଜୁଆର ଉଠି ପ୍ରାୟ ୩୦ କିମି

ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି

ବିବିଧ ଚରିତ୍ର ଅନ୍ୱେଷଣରେ ଅଭିନେତ୍ରୀ ବାଣୀ କପୁର୍

ନିକଟରେ 'ଚଣ୍ଡିଗଡ଼ କରେ ଆସିକି' ଚଳଚ୍ଚିତ୍ରରେ ଏକ କିନ୍ନରୀ ଚରିତ୍ରରେ ଅଭିନତ କରି ଦର୍ଶକଙ୍କ ଧ୍ୟାନ ଅକର୍ଷଣ କରିଥିବା ଅଭିନେତ୍ରୀ ବାଣୀ କପୁର ନିଜର ଏକ ସ୍ୱତନ୍ତ୍ର ଅଭିସନ୍ଧି ସମ୍ପର୍କରେ ଖୋଲି କହିଛନ୍ତି।

ସେ କହିଛନ୍ତି ଯେ ସେ ତାଙ୍କ ଚଳଚ୍ଚିତ୍ର ତାଲିକାକୁ ପାରୁପର୍ଯ୍ୟନ୍ତ ବିବିଧ ଗଢ଼ିବାକୁ ଚାହାନ୍ତି। ତେଣୁ ସେ ଏବେ ଏଭଳି ଚଳଚ୍ଚିତ୍ର ପାଇଁ ଅନୁବନ୍ଧିତ ହେବାକୁ ଚାହାନ୍ତି ଯେଉଁଥିରେ ତାଙ୍କୁ ସଂପୂର୍ଣ୍ଣ ଭିନ୍ନ ଧରଣର ଚରିତ୍ର ମିଳିପାରିବ। ଏହା ମାଧ୍ୟମରେ ବାଣୀ ଚଳଚ୍ଚିତ୍ର ନିର୍ମାତାଙ୍କୁ ଦେଖାଇଦେବାକୁ ଚାହାନ୍ତି ଯେ ସେ ପରଦାରେ ବିବିଧ ରକମର ଚରିତ୍ରରେ ଅଭିନୟ କରିବାରେ ପାରଙ୍ଗମ। ଏହି ଚରିତ୍ରଗୁଡ଼ିକୁ ପରଦାରେ ନ୍ୟାୟ ପ୍ରଦାନ ପାଇଁ ନିଜର ସବୁ ଶକ୍ତି ଲଗାଇଦେବାକୁ ପ୍ରସ୍ତୁତ। ଏହା ଫଳରେ ନିର୍ମାତାମାନେ ତାଙ୍କୁ ଆହ୍ୱାନପୂର୍ଣ୍ଣ ଚରିତ୍ରରେ ନେବା ପାଇଁ ଆତ୍ମବିଶ୍ୱାସ ଜୁଟାଇପାରିବେ ବୋଲି ତାଙ୍କର ଆଶା।

ଏଥି ସହିତ ଅଭିନେତ୍ରୀ ହେବାର ସବୁଠାରୁ ଭଲ ଦିଗ ନେଇ ସେ ଉତ୍ସାହିତ ହୋଇ କହିଛନ୍ତି ଯେ ଏଥିରେ ଅନେକ ଚରିତ୍ରଙ୍କ ଜୀବନ ଜିଇଁବାର ସୁଯୋଗ ମିଳିଥାଏ। ଆସନ୍ତା ମାର୍ଚ୍ଚ ୧୮ରେ ମୁକ୍ତିଲାଭ କରିବାକୁ ଥିବା 'ଶମଶେରା' ଚଳଚ୍ଚିତ୍ରରେ ରଣବୀର କପୁରଙ୍କ ବିପକ୍ଷରେ ବାଣୀ ପୁଣି ଏକ ପୃଥକ ଧରଣର ଚରିତ୍ରରେ ବାହାରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

୨୦୨୨ରେ ବିବାହ କରିବେ ଶମିତା

ବିଗ୍ ବସ୍ ୧୫ର ସର୍ବଶେଷ ଏପିସୋଡରେ ଅଂଶଗ୍ରହଣ କରିଥିବା ଶମିତା ସେଟ୍ଟୀ ନିଶାନ୍ତ ଭଟ୍ଟଙ୍କୁ କହିଛନ୍ତି ଯେ ସେ ୨୦୨୨ରେ ବିବାହ କରୁଛନ୍ତି। ରବିବାର ଓ୍ୱିକେଣ୍ଡ କା ଭାରରେ ଜ୍ୟୋତିଷ ଜନାର୍ଦ୍ଦନ ବାବାଙ୍କ ସହ କଥାବାର୍ତ୍ତା ପରେ ଶମିତା ଏକଥା କହିଛନ୍ତି।

ବିଗ୍ ବସ୍‌ର ପୂର୍ବ ସିଜିନ୍‌ରେ ଆସିଥିବା ଲୋକପ୍ରିୟ ଜ୍ୟୋତିଷ ଶମିତାଙ୍କୁ କହିଥିଲେ, ସେ ଜଣେ ସାଧାରଣ ପୁରୁଷଙ୍କୁ ବିବାହ କରିବେ। କିନ୍ତୁ ବିବାହ ପରେ ତାଙ୍କ ଭାଗ୍ୟ ଉଜ୍ଜ୍ୱଳ ହେବ। ଦୁହିଁଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଶମିତା ତାଙ୍କୁ ପିଲାମାନଙ୍କ ବିଷୟରେ ପଚାରିବାରୁ ସେ କହିଥିଲେ ଯେ ତାଙ୍କର ଗୋଟିଏ ଝିଅ ଏବଂ ଗୋଟିଏ ପୁଅ ହେବ। ପରେ ଶମିତା ନିଶାନ୍ତଙ୍କୁ କହିଥିଲେ, 'ମୁଁ ଏ ବର୍ଷ ବିବାହ କରିବାକୁ ଯାଉଛି। ହେଲେ ଏପର୍ଯ୍ୟନ୍ତ ସେହି ବ୍ୟକ୍ତିଙ୍କୁ ଜାଣି ନାହିଁ।' ନିଶାନ୍ତ ଶମିତାଙ୍କ ପ୍ରେମିକ ରାକେଶ ବାପତଙ୍କ ନାମ ଉଠାଇବାରୁ ଶମିତା ସଙ୍ଗେ

ସଙ୍ଗେ କହିଥିଲେ ଯେ ସେ ତାଙ୍କୁ ଭଲ ଭାବେ ଜାଣନ୍ତି ନାହିଁ ଏବଂ ସେମାନେ କେବଳ ସୋ'ରେ ସମୟ ଅତିବାହିତ କରିଛନ୍ତି। ରାକେଶ ଜଣେ 'କଷ୍ଟସାଧ୍ୟ' ବ୍ୟକ୍ତିତ୍ୱ ବୋଲି ନିଶାନ୍ତ କହିଛନ୍ତି। ସେପ୍ଟେମ୍ବର ୧୮ରେ ଶେଷ ହୋଇଥିବା ବିଗ୍ ବସ୍ ଓଟିଟିର ଫାଇନାଲରେ ଉଭୟ ରାକେଶ ଏବଂ ଶମିତା ଫାଇନାଲରେ ଥିଲେ। ଶମିତା ଦ୍ୱିତୀୟ ରନର୍ସ ଅପ୍ ଘୋଷିତ ହୋଇଥିବାବେଳେ ରାକେଶ ଶୀର୍ଷରେ ରହିଥିଲେ।

ହାଟ୍ରିକ୍ କରିବେ ବାବୁସାନ୍-ଭୂମିକା ଯୋଡ଼ି

ଓଲିଉଡର ଲୋକପ୍ରିୟ ତାରକା ବାବୁସାନ ଏବେ ପୁଣି ଏକ ଓଡ଼ିଆ ଛବିରେ ଅଭିନୟ କରୁଥିବା ଜଣାଯାଇଛି। ଏଥିରେ ତାଙ୍କୁ ପୁଣି ଏକ ନୂଆ ଲୁକରେ ଦେଖିବାକୁ ପାଇବେ ଦର୍ଶକ। ଏଠାରେ ଯେଉଁ ଓଡ଼ିଆ ଛବିର କଥା କୁଯାଯାଉଛି ତାହା ହେଲା 'ଦମନ। ଏଥିରେ ବାବୁସାନଙ୍କ ସହ ଭୂମିକା, ଈଶାନୀ ସେନଗୁପ୍ତା, ରାଜ ରାଜେଶ ଓ ଋଷି ପ୍ରମୁଖ ମୁଖ୍ୟ ଚରିତ୍ରରେ ନଜର ଆସିବେ। ଏହି ଫିଲ୍ମ ଜରିଆରେ ମୁଖ୍ୟ ନାୟକ-ନାୟିକା ଭାବେ ବାବୁସାନ୍-ଭୂମିକା ଯୋଡ଼ି ହାଟ୍ରିକ୍ କରିବେ। ଏହି ଯୋଡ଼ିଙ୍କର ପ୍ରଥମ ସିନେମା ହେଲା 'ହିରୋ ନମ୍ବର ୱାନ୍', ଯାହା ୨୦୧୭ ପୂଜା ବଜାରରେ ମୁକ୍ତିଲାଭ କରିଥିଲା। ଏହାର ନିର୍ଦ୍ଦେଶକ ଥିଲେ ତାପସ ସରଘରିଆ। ଅଭିଜିତ୍ ମଜୁମ୍ଦାର ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଏହି ଫିଲ୍ମରେ ବାବୁସାନ୍-ଭୂମିକାଙ୍କ ଯୋଡ଼ି ବି ଜମି ଯାଇଥିଲା। ଏବେ ପୁଣିଥରେ ୨୦୧୮ ପୂଜା ବଜାରରେ ବାବୁସାନ୍-ଭୂମିକାଙ୍କ ଯୋଡ଼ିକୁ ନେଇ ତରଙ୍ଗ ସିନେ ପ୍ରଡକ୍‌ସନ୍‌ସ ଏକ ଫିଲ୍ମ ନିର୍ମାଣ କରିଥିଲା, ଯାହାର ଟାଇଟଲ୍ ଥିଲା 'ଶ୍ରୀମାନ୍ ସୁରଦାସ'। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଅଶୋକ ପତି। ଅଭିଜିତ୍ ମଜୁମ୍ଦାର ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ, ସଂଳାପ ଲେଖିଥିଲେ ରଣଜିତ୍ ପଟ୍ଟନାୟକ। ଏହା ଅବଶ୍ୟ ଭିନ୍ନ କଥା ଯେ ଆଉ ଏକ ସିନେମାରେ ବି ନଜର ଆସିଥିଲେ ବାବୁସାନଙ୍କ ସହ ଭୂମିକା।



୩ ମିନିଟ୍ ପାଇଁ ୫ କୋଟି ଟଙ୍କା ନେଲେ ସମନ୍ଥା

ଚର୍ଚ୍ଚାରେ ସାଉଥ ସୁନ୍ଦରୀ ସମନ୍ଥା ରୁଥ ପ୍ରଭୁ। ନାଗା ଚୈତନ୍ୟଙ୍କ ଠାରୁ ଛାଡପତ୍ର ପରେ ବଢ଼ିଛି ତାଙ୍କ ଦାମ୍। ସେ ନିଜ ରେଟ୍ ବଢ଼ାଇ ଦେଇଛନ୍ତି। ମାତ୍ର ତିନି ମିନିଟ୍ ପାଇଁ ସେ ମାଗିଛନ୍ତି ମୋଟା ଅଙ୍କର ଟଙ୍କା। ସେ ଚାର୍ଜ କରିଛନ୍ତି ୫ କୋଟି। ଏଭଳି କିଛି ଖବର ଏବେ ସାମ୍ନାକୁ ଆସିଛି। ପ୍ରକୃତରେ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ରିଲିଜ ହୋଇଥିବା ଫିଲ୍ମ 'ପୁଷ୍ପା' ଏବେବି ବକ୍ସ ଅଫିସରେ ଧମାଲ କରୁଛି। ଏହି ଫିଲ୍ମକୁ ଦର୍ଶକ ଏବଂ କ୍ରିଟିକ୍ସଙ୍କ ଭଲ ରେସ୍‌ପନ୍ସ ମିଳିଛି। ଏହି ଫିଲ୍ମରେ ଥିବା ଅଭିନେତ୍ରୀ ସମନ୍ଥାଙ୍କ ଆଇଟମ ଗୀତ ଏବେ ଚର୍ଚ୍ଚାରେ। ଦର୍ଶକଙ୍କୁ ଏହି ଗୀତ ବେଶ୍ ପସନ୍ଦ ଆସୁଛି। ଏହି ଗୀତରେ ସମନ୍ଥା ଜବରଦସ୍ତ ଡ୍ୟାନ୍ସ ମଧ୍ୟ କରିଛନ୍ତି। ଏହା ତାଙ୍କର ପ୍ରଥମ ଆଇଟମ୍ ଗୀତ। ଇଣ୍ଡିଆ ଟୁଡେର ରିପୋର୍ଟ ଅନୁସାରେ, ଏହି ଗୀତ ପାଇଁ ସମନ୍ଥା ମୋଟା ଅଙ୍କର ଟଙ୍କା ଡିମାଣ୍ଡ କରିଥିଲେ। କେବଳ ୩ ମିନିଟ୍‌ର ଗୀତ ପାଇଁ ସେ ନେଇଛନ୍ତି ୫ କୋଟି ଟଙ୍କା। ସମନ୍ଥାଙ୍କ ଆଇଟମ୍ ଗୀତ 'ଓ ଅନ୍ତାୱା' କେବଳ ଫ୍ୟାନ୍‌ମାନଙ୍କ ମଧ୍ୟରେ ନୁହେଁ ସେଲେବ୍ରିଟିଙ୍କ ମଧ୍ୟରେ ବି ବେଶ୍ ପପୁଲାର ହୋଇଛି। ନିକଟରେ ବଲିଉଡ ଅଭିନେତ୍ରୀ କ୍ରିତି ସାନନ୍ ଏହି ଗୀତକୁ ନେଇ ଏକ ଖୁଲାସା କରିଥିଲେ। ସେ କହିଥିଲେ, ସେ ଚାହିଁଲେ ବି ଏହି ଗୀତକୁ ଶୁଣିବା ବନ୍ଦ କରିପାରୁନାହାନ୍ତି। ରିପୋର୍ଟ ଅନୁସାରେ, ଏହି ଗୀତ ପାଇଁ ପ୍ରଥମେ ସମନ୍ଥା ରାଜି ନଥିଲେ, କାରଣ ଏହା ଏକ ଆଇଟମ ଗୀତ ଥିଲା। ପୂର୍ବରୁ କେବେ ଆଇଟମ ଗୀତରେ ନାଚି ନଥିବା ସମନ୍ଥାଙ୍କୁ ପରେ ଅଭିନେତା ଅଲ୍ଲୁ ଅର୍ଜୁନ ବୁଝାଇଥିଲେ। ଏହାପରେ ଏହି ଗୀତରେ ଅଭିନୟ କରିବା ପାଇଁ ରାଜି ହୋଇଥିଲେ ସମନ୍ଥା। ଆଉ ଏହି ଗୀତରେ ଡ୍ୟାନ୍ସ କରିବା ପାଇଁ କଠିନ ପରିଶ୍ରମ କରିଥିଲେ। ଡିସେମ୍ବର ୧୭ ତାରିଖରେ ରିଲିଜ ହୋଇଥିବା ଫିଲ୍ମ 'ପୁଷ୍ପା' ବର୍ତ୍ତମାନ ସୁଦ୍ଧା ବକ୍ସ ଅଫିସରେ । ୩୦୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ କରିସାରିଲାଣି।

ନାଗୁଣୀ ଖୋଜୁଛନ୍ତି ଏକ୍ତା



ନାଗୁଣୀ ସନ୍ଧାନରେ ଟେଲିଭିଜନ କୁଇନ୍ ଏକ୍ତା କପୁର। ସେ କରୋନାରୁ ସୁସ୍ଥ ହେବା ପରେ ନାଗୁଣୀ ସନ୍ଧାନରେ ବାହାରି ପଡିଛନ୍ତି। ସେ ତାଙ୍କ ଅପ୍‌କମିଂ ସିରିଏଲ୍ 'ନାଗୀନ୍-୬' ପାଇଁ ଖୋଜୁଛନ୍ତି ନାଗୁଣୀ।

ଏକ୍ତା କପୁର ନିଜ ସୁପରହିଟ୍ ଶୋ' ନାଗୀନର ନୂଆ ସିଜିନ୍ ଆଣିବାକୁ ଯାଉଛନ୍ତି। ତେବେ ଏହି ସିରିଏଲ୍‌ର ଲିଡ୍ ଅଭିନେତ୍ରୀ କିଏ ହେ ତାକୁ ନେଇ ଚାଲିଛି ସନ୍ଧାନ। ନିକଟରେ ଏକତା ଇନ୍‌ଷ୍ଟାଗ୍ରାମରେ ନାଗୀନ-୬ର ଏକ ପ୍ରମୋ ଭିଡିଓ ଶେଆର କରିଥିଲେ। ଏଥିରେ ୨୦୧୯ ପରେ ୨୦୨୦ରେ କିଭଳି ଦୁନିଆ କରୋନା କବଳରେ ଆସିଥିଲା, ଆଉ ସବୁ କିଛି କିଭଳି ବଦଳି ଯାଇଥିଲା ତାହା ଦେଖିବାକୁ ମିଳିଥିଲା। 'ଗୋଟିଏ ମହାମାରୀ କିଭଳି ପୂରା ବିଶ୍ୱକୁ କବଳିତ କରିନେଇଛି, ବଦଳିଛି ଦେଶ ଆଉ ବଦଳି ଯାଇଛି ନାଗୀନ'। ଏଭଳି କିଛି ପଞ୍ଚ ଲାଇନ୍ ସହ ଏହି ପ୍ରମୋଟି ରିଲିଜ ହୋଇଥିଲା। ଏବେ ଏକ୍ତା କରୋନାରୁ ସୁସ୍ଥ ହେବା ପରେ ସୋଶାଲ ମିଡିଆରେ ନାଗୀନ-୬ର ଆଉ ଏକ ଟିଜର ଶେଆର କରିଛନ୍ତି। ଏଥିସହ ଏକତା ଲେଖିଛନ୍ତି, 'ନାଗୀନ-୬'! ଆପଣ ସମସ୍ତଙ୍କ ଠାରୁ ମୁଁ ମତାମତ ମାଗୁଛି। ମୁଁ ବର୍ତ୍ତମାନ କରୋନାରୁ ସୁସ୍ଥ ହୋଇଛି। କିନ୍ତୁ ଏବେବି ମୋ ଶରୀରରେ ଯନ୍ତ୍ରଣା ଅଛି। ପେଟରେ ଇନ୍‌ଫେକ୍‌ସନ୍ ରହିଛି। ତେବେ ନାଗୀନ ପାଇଁ କିଏ ଲିଡ୍ ଅଭିନେତ୍ରୀ ହେବେ ସେ ନେଇ କିଛି ନିଷ୍ପତ୍ତି ନେଇନାହିଁ। ମୋତେ ଆପଣଙ୍କ ମତାମତର ଆବଶ୍ୟକତା ରହିଛି।' ଏକ୍ତାଙ୍କ ଏହି ପୋଷ୍ଟ ସାମ୍ନାକୁ ଆସିବା ପରେ ଫ୍ୟାନ୍‌ମାନଙ୍କ ମନରେ ଉତ୍ସାହ ବଢ଼ିଯାଇଛି। ଅନେକ ଫ୍ୟାନ୍ ନିଜ ନିଜ ମତାମତା ମଧ୍ୟ ଦେବା ଆରମ୍ଭ କରିଦେଇଛନ୍ତି। ନାଗୀନ-୬ର ଲିଡ୍ ଅଭିନେତ୍ରୀ ପାଇଁ ରୁବିନା ସିଲୈକ ଫ୍ୟାନ୍‌ମାନଙ୍କ ପ୍ରଥମ ପସନ୍ଦ ଥିବା କମେଣ୍ଟରୁ ଜଣାପଡିଛି। ବିଗ୍ ବସ୍-୧୪ ବିଜେତା ରୁବିନାଙ୍କ ଫ୍ୟାନ୍ ନାଗୀନ୍ ରୂପେ ଦେଖିବାକୁ ଚାହୁଁଛନ୍ତି। ସେପଟେ ଲିଡ୍ ଅଭିନେତା ରୂପେ ଧୀରଜ ଧୁପରଙ୍କ ନାଁକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ଲାଗି ରହିଛି।

୧୮ ବର୍ଷର ସମ୍ପର୍କରେ ପଡ଼ିଲା ପୂର୍ଣ୍ଣଚ୍ଛେଦ: ଅଲଗା ହେବେ ଧନୁଷ-ଐଶ୍ୱର୍ଯ୍ୟା

ଟଲିଉଡର ସୁପରହିଟ ଯୋଡ଼ି ସାମନ୍ଥା ପ୍ରଭୁ ଓ ନାଗା ଚୈତନ୍ୟଙ୍କ ବିବାହ ବିଚ୍ଛେଦ ପରେ ଏବେ ଆଉ ଏକ ସୁପରହିଟ ଯୋଡ଼ି ପରସ୍ପରଠୁ ଅଲଗା ହେବାକୁ ଯାଉଛନ୍ତି। ଏହି ଯୋଡି ହେଲେ ସାଉଥ ସେନସେସନ୍ ଧନୁଷ ଓ ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟା । ପୂର୍ବରୁ ଉଭୟ ଅଲଗା ହେବା ନେଇ ବହୁ ଗୁମର ଉଠିଥିବା ବେଳେ ଏବେ ସେଥିରେ ମୋହର ମାରିଛନ୍ତି ଧନୁଷ । ଧନୁଷ ନିଜ ସୋଶାଲ ମିଡିଆ ଆକାଉଣ୍ଟରେ ନିଜ ବିଚ୍ଛେଦ ସମ୍ପର୍କରେ ମୋହର ମାରିଛନ୍ତି। ଏନେଇ ଧନୁଷ ଏକ ନୋଟ ଲେଖିଛନ୍ତି, ଦୀର୍ଘ ୧୮ ବର୍ଷର ଦୋସ୍ତି, କପଲ, ପ୍ୟାରେଣ୍ଟସ୍ ଓ ପରସ୍ପରର ଶୁଭଚିନ୍ତକ ହିସାବରେ ଆମେ ଛିଡ଼ା ହେଲୁ। ଏହି ସମୟରେ ଆମେ ପରସ୍ପରକୁ ବୁଝିଲୁ, ପରିପକ୍ୱ ହେଲୁ ଓ ପରସ୍ପର ସହ ବାଟ ଚାଲିଲୁ। ହେଲେ ଏବେ ଆମେ ଏପରି ଜାଗାରେ ଛିଡ଼ା ହୋଇଛୁ, ଯେଉଁଠାରୁ ଆମ ରାସ୍ତା ଭିନ୍ନ ହୋଇ ଯାଉଛି। ଐଶ୍ୱର୍ଯ୍ୟା ଓ ମୁଁ ପରସ୍ପରଠୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ। ଆମ ନିଷ୍ପତ୍ତିକୁ ସମ୍ମାନ ଦିଅନ୍ତୁ ଓ ଆମ ଗୋପନୀୟତାକୁ ନଜରରେ ରଖି ଏହି

ସମସ୍ୟାକୁ ଆମକୁ ସମାଧାନ କରିବାକୁ ଦିଅନ୍ତୁ। ଐଶ୍ୱର୍ଯ୍ୟା ସାଉଥ ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ହୋଇଥିବା ବେଳେ ଧନୁଷ ମଧ୍ୟ ସାଉଥର ଆଗଧାଡ଼ିର ପ୍ରଡ୍ୟୁସର କସ୍ତୁରୀ ରାଜାଙ୍କ ପୁଅ ଅଟନ୍ତି। ୨୦୦୪ ମସିହାରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଉଭୟଙ୍କର ୨ ସନ୍ତାନ ମଧ୍ୟ ଅଛନ୍ତି।

ମଝିରେ ମଝିରେ ଉଭୟଙ୍କ ବ୍ରେକ୍‌ଅପ୍ ଖବର ପ୍ରଚାରିତ ହେଉଥିବା ବେଳେ ଏହାକୁ ନେଇ ଉଭୟ ପକ୍ଷରୁ କୌଣସି ବିବୃତି ଆସୁ ନ ଥିଲା। ହେଲେ ଧନୁଷ ଏହି ଖବରରେ ମୋହର ମାରିଥିବାରୁ ତାଙ୍କ ଫ୍ୟାନ୍ସଙ୍କୁ ଶକ୍ତ ଆଘାତ ଲାଗିଛି। ମଲ୍ଟି ଟାଲେଣ୍ଟେଡ ଧନୁଷ ଏକାଧାରରେ ଜଣେ ଆକ୍ଟର ସହ ଡାଇରେକ୍ଟର, ପ୍ରଡ୍ୟୁସର, ଡାନ୍ସର, ପ୍ଲେବ୍ୟାକ୍ ସିଙ୍ଗର ଓ ସ୍କ୍ରିନପ୍ଲେ ରାଇଟର ମଧ୍ୟ। ଏ ଯାଏ ୪୬ ଫିଲ୍ମରେ କାମ କରି ସାରିଥିବା ଧନୁଷ ଗୋଟିଏ ଫିଲ୍ମ ଫେୟାର ଆୱାର୍ଡ, ୪ ନ୍ୟାସନାଲ ଫିଲ୍ମ ଆୱାର୍ଡ ସମେତ ୧୩ ପୁରସ୍କାର ହାତେଇ ସାରିଲେଣି।

ହିଜାବ ପିନ୍ଧି ନାଚିଲେ ମହିଳା: ଇମ୍ପ୍ରେସ ହେଲେ ନୋରା

ବଲିଉଡର ଡ୍ୟାନ୍ସିଂ କୁଇନ୍ ନୋରା ଫତେହି। ନିକଟରେ ରିଲିଜ ହୋଇଥିବା ତାଙ୍କ 'ଡ୍ୟାନ୍ସ ମେରି ରାନୀ...' ଗୀତ ସୋଶାଲ ମିଡିଆରେ ଜବରଦସ୍ତ ହିଟ୍ ହୋଇଛି। ସମସ୍ତେ ତାଙ୍କ ଡ୍ୟାନ୍ସର ଦିୱାନା ହୋଇଯାଇଛନ୍ତି। ନୋରାଙ୍କ ଡ୍ୟାନ୍ସ ତାଙ୍କ ଫ୍ୟାନ୍‌ମାନଙ୍କୁ କିରିଛି ପାଗଳ। ଯାହାକୁ ଦେଖିବ ଏହି ଗୀତରେ ନାଚି ଭିଡିଓ ତିଆରି କରୁଛନ୍ତି। ନିକଟରେ ଜଣେ ମହିଳା ହିଜାବ ପିନ୍ଧି ଏହି ଗୀତରେ ଡ୍ୟାନ୍ସ କରି ରିଲ୍ ଭିଡିଓ ତିଆରି କରିଛନ୍ତି। ନୋରାଙ୍କ ମ୍ୟୁଜିକ ଭିଡିଓ 'ଡ୍ୟାନ୍ସ ମେରି ରାନୀ' କେବଳ ଦେଶ ନୁହେଁ ବିଦେଶରେ ମଧ୍ୟ ଧମାଳ କରୁଛି। ଦୁବାଇର ଜଣେ ମହିଳା ନିଜ ଛୋଟ ଝିଅ ସହ ମିଶି ନୋରାଙ୍କ ଗୀତରେ ଜବରଦସ୍ତ ଡ୍ୟାନ୍ସ କରିଛନ୍ତି। ସେ ହିଜାବ ପିନ୍ଧି ଡ୍ୟାନ୍ସର ଷ୍ଟେପ ସହ ଷ୍ଟେପ ମିଶାଇଛନ୍ତି। ଯାହାକୁ ଦେଖି ଅଭିନେତ୍ରୀ ନୋରାଙ୍କ ହୋସ୍ ଉଡିଯାଇଛି। ହିଜାବ ପିନ୍ଧି ନାଚୁଥିବା ମହିଳାଙ୍କ ଉକ୍ତ ଡ୍ୟାନ୍ସ ଭିଡିଓକୁ ନିଜ ଇନଷ୍ଟାଗ୍ରାମରେ ଶେଆର କରିଛନ୍ତି ନୋରା। ଭିଡିଓରେ ଛୋଟ ଝିଅ ଓ ମହିଳା ନୋରାଙ୍କ ପ୍ରତିଟି ଷ୍ଟେପ୍‌କୁ ଫଲୋ କରିଛନ୍ତି। ଉଭୟଙ୍କ ଏହି ଡ୍ୟାନ୍ସ ଭିଡିଓକୁ ଦେଖି ନୋରା ବେଶ୍ ଇମ୍ପ୍ରେସ ହୋଇଯାଇଛନ୍ତି। ସେ ଭିଡିଓକୁ ଶେଆର କରି ଲେଖିଛନ୍ତି, 'ବେଶ୍ ଅଦ୍ଭୁତ'। ସୋଶାଲ ମିଡିଆରେ ମା'-ଝିଅଙ୍କ ଏହି ଭିଡିଓ ଭାଇରାଲ ମଧ୍ୟ ହୋଇଛି। ଏହି ଭିଡିଓକୁ ବର୍ତ୍ତମାନ ଯାଏଁ ୫ ଲକ୍ଷରୁ ଅଧିକ ଲାକ୍‌ସ ମିଳିସାରିଲାଣି। ସେପଟେ ୟୁଜର୍ସମାନେ ମହିଳା ଓ ଛୋଟ ଝିଅର ଡ୍ୟାନ୍ସ ଦେଖି ଖୁବ୍ ପ୍ରଶଂସା କରୁଛନ୍ତି।

ଓସ୍କାରର୍ସ ଚ୍ୟାନେଲ୍‌ରେ ଜୟ ଭୀମ

ତାମିଲ ସୁପରଷ୍ଟାର୍ ସୂର୍ଯ୍ୟ ଅଭିନୀତ 'ଜୟ ଭୀମ' ଚଳଚ୍ଚିତ୍ର ଓଟିଟି ମଞ୍ଚରେ ମୁକ୍ତିଲାଭ କରିବାର ତିନି ମାସ ବିତିସାରିଥିଲେ ହେଁ କୌଣସି ନା କୌଣସି କାରଣରୁ ଏହା ଏ ପର୍ଯ୍ୟନ୍ତ ଚର୍ଚ୍ଚିତ ହୋଇରହିଛି। ଏବେ ଓସ୍କାରସର ଆନୁଷ୍ଠାନିକ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ 'ଜୟ ଭୀମ' ଚଳଚ୍ଚିତ୍ରର ଏକ ଦୃଶ୍ୟ ସାଙ୍ଗକୁ ଏହାର ଲେଖକ-ନିର୍ଦ୍ଦେଶକ ଟିଜେ ଜ୍ଞାନବେଲ୍‌ଙ୍କ କାହାଣୀ ଓ ଏହାର ନିର୍ମାଣ ସମ୍ପର୍କିତ ବ୍ୟାଖ୍ୟ ଦେଖିବାକୁ ମିଳିଛି। ଏଭଳି ମର୍ଯ୍ୟାଦାଜନକ ମଞ୍ଚରେ ସ୍ଥାନ ପାଇବାରେ ଏହା ପ୍ରଥମ ତାମିଲ ଚଳଚ୍ଚିତ୍ର। ତେଣୁ ଚଳଚ୍ଚିତ୍ରର ପ୍ରଶଂସକମାନେ ଏବେ ସାମାଜିକ ଗଣମାଧ୍ୟମରେ ଗର୍ବ ଓ ଖୁସି ବ୍ୟକ୍ତ କରୁଛନ୍ତି। 'ଜୟ ଭୀମ'ର କାହାଣୀ ଏକ ବାସ୍ତବ ଘଟଣା ଉପରେ ଆଧାରିତ। ତାମିଲନାଡୁର ଆଦିବାସୀମାନଙ୍କ ଅଧିକାର ପାଇଁ ବିନା ପାରିଶ୍ରମିକରେ ଲଢ଼ିଆସୁଥିବା ଓକିଲ ଚନ୍ଦ୍ରୁଙ୍କ ୧୯୯୩ର ଅଭିଜ୍ଞତାକୁ ନିର୍ଦ୍ଦେଶକ ଟିଜେ ଜ୍ଞାନବେଲ୍ ଏକ ପ୍ରଭାବଶାଳୀ ଚଳଚ୍ଚିତ୍ରର ରୂପ ଦେଇଛନ୍ତି।

ସୁପରହିଟ୍ ଫିଲ୍ମ 'ପୁଷ୍ପା'ରେ ଓଡ଼ିଆ ପୁଅ

ତେଲୁଗୁ ବ୍ଲକ ବଷ୍ଟର୍ ଫିଲ୍ମ 'ପୁଷ୍ପା'ରେ ଓଡ଼ିଆ ଲିଙ୍କ୍। ଫିଲ୍ମରେ ପୁଲିସ ଅଫିସର ଗୋବିନ୍ଦାପ୍ପା ଭୂମିକାରେ ଦମ୍‌ଦାର ଅଭିନୟ କରିଥିବା ଅଭିନେତା ଏମ୍ ରାମକ୍ରିଷ୍ଣା ହେଉଛନ୍ତି ଜଣେ ଓଡ଼ିଆ। ତାଙ୍କ ଘର ବରଗଡ଼ ଜିଲ୍ଲା ସର୍ଲା ଗାଁରେ। ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ରାମକ୍ରିଷ୍ଣାଙ୍କୁ ସମସ୍ତେ ଶଟ୍ଟୁ ବୋଲି ଡାକିଥାଆନ୍ତି। ପୁଷ୍ପା ଫିଲ୍ମ ପୂର୍ବରୁ 'ବାହୁବଲି-୨' ରେ ମଧ୍ୟ ପିଣ୍ଡାରା ଭୂମିକାରେ ଜବରଦସ୍ତ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟି ଥିଲେ ରାମକ୍ରିଷ୍ଣା। ତାଙ୍କର ଏହି ସଫଳତାରେ ପରିବାର ଲୋକେ ବେସ୍ ଖୁସି ପ୍ରକାଶ କରିଛନ୍ତି। ପୁଅ ଆଗକୁ ଆହୁରି ଭଲ ଅଭିନୟ କରି ଗାଁ ପାଇଁ ଗୌରବ ଆଣିବ ବୋଲି ତାଙ୍କ ମାଆ କହିଛନ୍ତି। ଅତାବିରା କୋଶଳା ସ୍କୁଲରୁ ହାଇସ୍କୁଲ ଶିକ୍ଷା ପରେ ରାମକ୍ରିଷ୍ଣା ରେଭେନ୍ସା କଲେଜରେ ମାଇକ୍ରୋ ବାଇଲୋଜି ପଢୁଥିଲେ। ପରେ ଅଭିନୟ ପାଇଁ ହାଇଦ୍ରାବାଦ ଚାଲିଯାଇଥିଲେ। ସେ ପୁଷ୍ପା, ବାହୁବଳୀ-୨ ବ୍ୟତୀତ ଲିଜେଣ୍ଡ, ଡି ଜେ, ରଙ

ପଂଚାୟତ ନିର୍ବାଚନରେ ନିୟୋଜିତ ଶିକ୍ଷକ କର୍ମଚାରୀମାନଙ୍କୁ କୋଭିଡ଼ ଯୋଦ୍ଧା ଘୋଷଣା କରିବା ଓ କରୋନା ବୁଷ୍ଟରଡ଼ୋଜ ଟିକା ଦେବାକୁ ଦାବି

ଭୁବନେଶ୍ୱର,୨୦/୧ (ନି.ପ୍ର): ଆମ ରାଜ୍ୟରେ ବର୍ତ୍ତମାନ କରୋନା ହୁ ହୁ ହୋଇ ମାଡ଼ି ଚାଲିଛି । ଆସନ୍ତା ଫେବୃୟାରୀ ମାସରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ଏହି ନିର୍ବାଚନକୁ ସୁପରିଚାଳନା କରିବା ପାଇଁ ନିୟୋଜିତ ଶିକ୍ଷକ କର୍ମଚାରୀମାନଙ୍କୁ କରୋନା ବୁଷ୍ଟର ଡ଼ୋଜ ଟୀକାକରଣ ସୁନିଶ୍ଚିତ କରିବା ସହିତ ସେମାନଙ୍କୁ କୋଭିଡ଼ ଯୋଦ୍ଧା ଘୋଷଣା କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସହିତ ଆଜି ଆଲୋଚନାରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ନିବେଦନ କରାଯାଇଛି । ଶିକ୍ଷକ କର୍ମଚାରୀମାନେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବାବେଳେ ସେମାନଙ୍କ ମୃତ୍ୟୁ ହେଲେ ସେମାନଙ୍କ ପାଇଁ ୫୦ଲକ୍ଷ ଅନୁକମ୍ପାମୂଳକ ରାଶି ଘୋଷଣା କରାଯାଉ ଓ ସେମାନଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ନିଯୁକ୍ତି ଦେବାକୁ ସଂଘ ଦାବି କରିଛି । ଆଜି ପର୍ଯ୍ୟନ୍ତି ଯେତେଥର ନିର୍ବାଚନ ହୋଇଛି, ସେଥିରେ ନିୟୋଜିତ ଶିକ୍ଷକ କର୍ମଚାରୀମାନଙ୍କୁ ମାଲବୁହା ଗାଡ଼ି ଯଥା-ଟ୍ରକ, ଟାଟାଏସି, ୪୦୭ ଓ ଡ଼ାଲାଅଟୋ ଭଳି ଗାଡ଼ିରେ ନିଆଯାଇଛି । କିନ୍ତୁ ଏଗୁଡ଼ିକୁ ତୁରନ୍ତ ନିଷିଦ୍ଧ କରାଯାଇ ପୁଲିଂ ପାର୍ଟିମାନଙ୍କ ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ସେମାନଙ୍କୁ ଯାତ୍ରୀବାହୀ ଯାନର ସୁବ୍ୟବସ୍ଥା କରାଯାଉ । ପୁଲିଂ ପାର୍ଟିମାନଙ୍କର ରହଣୀସ୍ଥଳରେ ନିରାପଦ ଗୃହ, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ୍ ଓ ଶୌଚାୟର ସୁବନ୍ଦୋବସ୍ତ କରିବା ପାଇଁ ସଂଘ ଦାବି କରିଛି । ପୁଲିଂ ପାର୍ଟିମାନଙ୍କର ଯେପରି ଯାତାୟତ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସମସ୍ୟା ନ ଉପୁଜେ, ସେଥିପ୍ରତି ଦୃଷ୍ଟି ଦେବାକୁ ସଂଘ ତରଫରୁ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରାଯାଇଛି । ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ଓଡ଼ିଶାର ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ନେତୃତ୍ୱରେ ଏକ ୭ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ପ୍ରତିନିଧି ମଣ୍ଡଳୀରେ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ, ଟୁଲୁ ଦେଇ, ଜିତେନ୍ଦ୍ର କୁମାର ନାୟକ, ସୁବାସ ଚନ୍ଦ୍ର ଦାସ ଓ ତପନ ମେକପ ପ୍ରମୁଖ ଉପସ୍ଥିତ ଥିଲେ ।

ଟେଷ୍ଟିଂରେ ଅସମାନତା : ରାଜ୍ୟରେ ବିଳମ୍ବିତ ହେବ କରୋନାର ଶୀର୍ଷ ସଂକ୍ରମଣ !

ଭୁବନେଶ୍ୱର ,୨୦/୧ (ନି.ପ୍ର): ରାଜ୍ୟରେ କରୋନାର ତୃତୀୟ ଲହରରେ ଶୀର୍ଷ ସଂକ୍ରମଣ ଆସିବାରେ ବିଳମ୍ବ ହୋଇପାରେ । ଗତ କିଛି ଦିନ ହେବ, ଦୈନିକ ଟେଷ୍ଟିଂରେ ରାଜ୍ୟରେ ଯେଉଁଭଳି ଅସମାନତା ଦେଖିବାକୁ ମିଳୁଛି, ଏହାର ପରିଣାମସ୍ୱରୂପ ସଂକ୍ରମଣ ଲମ୍ବିପାରେ । ରାଜ୍ୟର ଅଧିକାଂଶ ଜିଲ୍ଲାରେ 'ଆ' ବା ରିପ୍ରଡକସନ୍ ଭ୍ୟାଲୁ ଯଥେଷ୍ଟ ଅଧିକ ଥିବା ବେଳେ ଟେଷ୍ଟିଂରେ ହ୍ରାସ କଣ୍ଟେନମେଣ୍ଟରେ ସମସ୍ୟା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି । ରାଜ୍ୟରେ ଏବେ ଦୌନିକ ସଂକ୍ରମଣ ପ୍ରାୟତଃ ୧୧ ହଜାର ଉପରେ ରହୁଛି । ହେଲେ ଟେଷ୍ଟିଂରେ ସମାନତା ରହୁନାହିଁ । କେଉଁ ଦିନ ୭୫ ହଜାର ତ ଆଉ କେଉଁ ଦିନ ୭୦ହଜାର ତଳେ । ଏଭଳି ପରିସ୍ଥିତିରେ ରାଜ୍ୟରେ ଟେଷ୍ଟ୍ ପଜିଟିଭ୍ ରେଟ୍ ବା ସଂକ୍ରମଣ ହାର ବଢ଼ି ଚାଲିଛି । ଗତ ୨୪ ଘଣ୍ଟାରେ ସଂକ୍ରମଣ ହାର ୧୭ପ୍ରତିଶତ ଛୁଇଁଲାଣି । କରୋନାର ଅନ୍ୟ ଦୁଇଲହର ତୁଳନାରେ ତୃତୀୟ ଲହରରେ ସଂକ୍ରମଣ ଦ୍ରୁତଗତିରେ ବ୍ୟାପୁଥିବାରୁ ସେହି ଅନୁଯାୟୀ ଟେଷ୍ଟିଂ କରାଯିବା ଦରକାର ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ଗତକାଲି ମଧ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟମାନଙ୍କୁ ଟେଷ୍ଟିଂ ବଢ଼ାଇବାକୁ ଚିଠି ଲେଖିଛନ୍ତି । କିଛି ରାଜ୍ୟ ତୃତୀୟ ଲହର ସମୟରେ ଟେଷ୍ଟକୁ ହ୍ରାସ କରିଥିବାରୁ କେନ୍ଦ୍ର ସରକାର ଅ ?ସନ୍ତୋଷ ପ୍ରକାଶ କରିଛନ୍ତି । ବରିଷ୍ଠ ଚିକିତ୍ସକ ଡା. ନିରୋଜ ମିଶ୍ର କହିଛନ୍ତି, ଦକ୍ଷିଣ ଆଫ୍ରିକା ଭଳି ଭାରତ ତଥା ଓଡ଼ିଶାରେ ମଧ୍ୟ ତୃତୀୟ ଲହରର ସମାନ ଧାରା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି । ଯେହେତୁ ସଂକ୍ରମଣ ତୃଣମୂଳସ୍ତରରେ ରହିଛି, ତେଣୁ ଯେତେ ଅଧିକ ଟେଷ୍ଟିଂ ହେବ, ଅଧିକ ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହେବେ । ତେବେ ଚଳିତ ମାସ ୨୫ ତାରିଖ ବେଳକୁ ରାଜ୍ୟରେ ସଂକ୍ରମଣ ଶୀର୍ଷ ଛୁଇଁବ । ଏହାପରେ ଦ୍ରୁତ ହ୍ରାସ ଦେଖିବାକୁ ମିଳିପାରେ ବୋଲି ଡା. ମିଶ୍ର କହିଛନ୍ତି । ଆଇସିଏମ୍‌ଆରର ପୂର୍ବତନ ଉପଦେଷ୍ଟା ଡା. ତ୍ରିଭୁବନ ମହାପାତ୍ରଙ୍କ ମତରେ କରୋନାର ଦ୍ୱିତୀୟ ଲହରରେ ଓଡ଼ିଶାରେ ସମାନ ଢଙ୍ଗରେ ଟେଷ୍ଟିଂରେ ଅସମାନତା ଦେଖିବାକୁ ମିଳିଥିଲା । ଫଳରେ ଦୀର୍ଘ ଦିନ ଧରି ରାଜ୍ୟରେ ସଂକ୍ରମଣ ପ୍ଲାଟ୍ୟୁ ସ୍ଥିତିରେ ରହିଥିଲା । ହେଲେ ତୃତୀୟ ଲହରରେ ସଂକ୍ରମଣ ଓମିକ୍ରନ୍ ପାଇଁ ଶୀଘ୍ର ବ୍ୟାପୁଥିବାରୁ ଅଧିକ ଟେଷ୍ଟିଂ କରିବାର ଆବଶ୍ୟକତା ରହିଛି । ଏହାସହ ଅନେକ ଲକ୍ଷଣବିହୀନ କିମ୍ବା ସ୍ୱଳ୍ପ ଲକ୍ଷଣ ଥିବା ଲୋକମାନେ ଟେଷ୍ଟ କରିବାକୁ ପସନ୍ଦ କରୁ ନାହାନ୍ତି । ଫଳରେ ସେମାନେ ଅଜାଣତରେ ଅନ୍ୟମାନଙ୍କୁ ସଂକ୍ରମିତ କରୁଛନ୍ତି । ତେଣୁ ଅଧିକ ଟେଷ୍ଟ ନ କଲେ ଦ୍ୱିତୀୟ ଲହର ଭଳି ତୃତୀୟ ଲହରରେ ମଧ୍ୟ ରାଜ୍ୟକୁ ସମାନ ଦଶା ଭୋଗିବାକୁ ହେବ ବୋଲି ଡା. ମହାପାତ୍ର କହିଛନ୍ତି ।

ବିଜେପିରେ ସାମିଲ ହେଲେ ମାହାଙ୍ଗା ପୂର୍ବତନ ବ୍ଲକ ଅଧକ୍ଷା

ଭୁବନେଶ୍ୱର,୨୦/୧ (ନି.ପ୍ର): ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଉପସ୍ଥିତିରେ ମାହାଙ୍ଗାର ପୂର୍ବତନ ବ୍ଲକ ଅଧକ୍ଷା ଶ୍ରୀମତି କନକଲତା ବେହେରା ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ଶ୍ରୀମତି ବେହେରାଙ୍କୁ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ ।

ଏହି ମିଶ୍ରଣ ପର୍ବ ଅବସରରେ କଟକ ସଦର ଜିଲ୍ଲା ସଭାପତି ପ୍ରକାଶ ବେହେରା, ଜିଲ୍ଲାର ବରିଷ୍ଠ ନେତା ତଥା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ମହିଳା ମୋର୍ଚ୍ଚା କଟକ ସଭାନେତ୍ରୀ ଯାଜ୍ଞସେନୀ ଜେନା, ବରିଷ୍ଠ କୃଷକ ନେତା ବିଶ୍ୱନାଥ ଜେନା, ସାଂସ୍କୃତିକ ପ୍ରକୋଷ୍ଠ ଅଧକ୍ଷ ଫଂଚାନନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ବିଜେପିରେ ସାମିଲ ହେଲେ ପିପିଲିର ବିଜେଡି ଓ କଂଗ୍ରେସ ନେତା

ଭୁବନେଶ୍ୱର,୨୦/୧ (ନି.ପ୍ର): ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲା କଂଗ୍ରେସର ପୂର୍ବତନ ସାଧାରଣ ସଂପାଦକ ତଥା ଦାଣ୍ଡମୁକୁନ୍ଦପୁର ଗ୍ରାମ ଫଂଚାୟତର ପୂର୍ବତନ ସରପଂଚ ସତ୍ୟବାଦୀ ମିଶ୍ର; ପମସରା ଗ୍ରାମ ଫଂଚାୟତ ସମିତି ସଭ୍ୟ ତଥା ଯୁବ ବିଜେଡି ନେତା ସରୋଜ ପ୍ରଧାନ, ଓରାକଳ ଗ୍ରାମ ଫଂଚାୟତର ପୂର୍ବତନ ସରପଂଚ ଓ ବରିଷ୍ଠ ବିଜେଡି ନେତା ମନୋଜ ଗୁରୁ ନିଜ ନିଜ ସମର୍ଥକଙ୍କ ଗ୍ରହଣରେ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଦାମ ବରାଳ, ଉପେନ୍ଦ୍ର ପ୍ରଧାନ, ଗଦାଧର ମଲ୍ଲିକ, ପ୍ରଦୀପ ଖଟୋଇ, ବନମାଳୀ ପରିଡା, ସୁବାଷ ସ୍ୱାଇଁ, ଉମେଶ ସ୍ୱାଇଁ, ବିଶ୍ୱଭୂଷଣ ଖୁଟିଆ, ଭବାନୀ ନାଏକ, ସରୋଜ ସ୍ୱାଇଁ, ସୁଧୀର ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ ପ୍ରମୁଖ ନେତୃବୃନ୍ଦ ନିଜ ନିଜ ସମର୍ଥକଙ୍କ ଗ୍ରହଣରେ ବିଜେପିରେ ସାମିଲ ହୋଇଛନ୍ତି । ଆଜିର ମିଶ୍ରଣ ଫଳରେ ପିପିଲି ନିର୍ବାଚନମଣ୍ଡଳୀରେ ବିଜେପିର ସଂଗଠନ ଆହୁରୀ ସୁଦୃଢ ହୋଇଛି । ସମସ୍ତେ ଏକାଠି ହୋଇ ଦୁର୍ନୀତିଖୋର ଓ ଭ୍ରଷ୍ଟାଚାରୀ ଶାସକ ବିଜେଡି ବିରୁଦ୍ଧରେ ନିଶ୍ଚିତ ବିଜୟୀ ହେବୁ ବୋଲି ଶ୍ରୀ ମହାନ୍ତି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ମିଶ୍ରଣ ପର୍ବ ଅବସରରେ ପୁରୀ ଜିଲ୍ଲା ସଭାପତି ଆଶ୍ରୀତ ପଟ୍ଟନାୟକ, ରାଜ୍ୟ ଗଣମାଧ୍ୟମ ସହ ପ୍ରମୁଖ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଢ଼ିଙ୍କିଆବାସୀଙ୍କ ଉପରେ ବର୍ବରୋଚିତ ଆକ୍ରମଣ କରିଥିବା ଦୋଷୀଙ୍କୁ ଗିରଫ କରାଯାଉ : କଂଗ୍ରେସ

ଭୁବନେଶ୍ୱର,୨୦/୧ (ନି.ପ୍ର): କଳବଳ କୌଶଳ ପ୍ରୟୋଗ କରି ସ୍ୱାର୍ଥହାସଲ ପରେ ଲୁଚିଯିବା ଶଂଖାସୁର ପ୍ରକୃତି । ମୁଖ୍ୟମନ୍ତ୍ରୀ ମଧ୍ୟ କଳବଳ କୌଶଳ ଖଟାଇ ଭୋଟ ହାତେଇ ନେଲାପରେ ନବୀନ ନିବାସରେ ତାଟି କବାଟ ପକାଇ ଲୁଚି ଯାଇ ଶଂଖାସୁର'ର ଆଚରଣକୁ ଅନୁସରଣ କରୁଛନ୍ତି ବୋଲି କଂଗ୍ରେସ ଦଳ ତରଫରୁ ସଂଗୀନ ଅଭିଯୋଗ ଆଣିଛନ୍ତି ମୁଖପାତ୍ର ମନୋଜ ମହାପାତ୍ର ।

ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଯେ, ନୂଆବର୍ଷରେ ମୁଖ୍ୟମନ୍ତ୍ରୀ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରି ଏକ ଭିଡିଓ ଉତୋଳନ କରି ଛାଡ଼ିଥିଲେ । ତାଙ୍କର ଜଗନ୍ନାଥ ଭକ୍ତି ଉପରେ ଆମର କୌଣସି ଆପତି ନାହିଁ । ନିଜକୁ ଜଗନ୍ନାଥଙ୍କ ପରମଭକ୍ତ ବୋଲି ଦାବୀ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ଆଚରଣ କିନ୍ତୁ ଶଂଖାସୁରର ଆଚରଣର ସମାନତା ରହିଯାଉଛି । ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଭଳି କଳ ବଳ କୌଶଳ ଓ ଛଳନାରେ ବ୍ରହ୍ମାଙ୍କ ଠାରୁ ଚାରିବେଦ ନେଲାପରେ ଅତି ଚାଲାକିରେ ସମୁଦ୍ର ଗର୍ଭରେ ଶଂଖର ଖୋଳପା ଭିତରେ ଲୁଚିଯାଉଥିଲା ଶଂଖାସୁର । ସେହିପରି କଳବଳ କୌଶଳ ଓ ଛଳନାରେ ନିର୍ବାଚନରେ ଲୋକଙ୍କ ଠାରୁ ଭୋଟ ହାତେଇ ନେଲାପରେ ନବୀନ ନିବାସରେ ତାଟି କବାଟ ପକାଇ ବ୍ୟାପକ ପୋଲିସ ସୁରକ୍ଷା ଭିତରେ ଲୁଚିଯାଉଛନ୍ତି ନବୀନ ପଟ୍ଟନାୟକ । ଏହା ଶଂଖାସୁରର ଆଚରଣର ଅଂଶ ବିଶେଷ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶଂଖାସୁର ପ୍ରକୃତିରୁ ନିଜକୁ ନିବୃତ ରଖନ୍ତୁ ବୋଲି କଂଗ୍ରେସ ଦଳ ତରଫରୁ ଆହ୍ୱାନ କରାଯାଇଛି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାବି କରନ୍ତି ଯେ ସାଢ଼େ ରିକୋଟି ଓଡ଼ିଆ ତାଙ୍କ ପରିବାର, ତାହାହେଲେ ଢ଼ିଙ୍କିଆର ହଜାର ହଜାର ଲୋକ କାହା ପରିବାରର ? ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ରଥଯାତ୍ରା ବେଳେ ବଳଭଦ୍ର ଓ ଜଗନ୍ନାଥ ଭଉଣୀ ସୁଭଦ୍ରାଙ୍କୁ ମଝିରେ ରଖି ବ୍ୟାପକ ସୁରକ୍ଷା ଭିତରେ ମାଉସୀ ଘରକୁ ଯାଇଥିଲେ । ଭଉଣୀ ମମିତା ମେହେରର ସୁରକ୍ଷା କାହା ଦାୟୀତ୍ୱରେ । ମୁଖ୍ୟମନ୍ତ୍ରୀ ଜଗନ୍ନାଥ ସଂସ୍କୃତିର କିଛି ଶିଖୁଛନ୍ତି ନା ଉପର ଠାଉରିଆ ଭାବରେ ନିଜକୁ ଭକ୍ତ ବୋଲି ଦାବି କରୁଛନ୍ତି । ଦଳିତ, ପତିତ ଓ ନିସ୍ପେଷିତ ମାନଙ୍କୁ ଉଧାର ପାଇଁ ନିଳଚକ୍ରରେ ପତିତପାବନ ବାନା ଉଡୁଛି । ଜଗନ୍ନାଥଙ୍କର ଭକ୍ତ ଭାବରେ ଢ଼ିଙ୍କିଆରେ ହୋଇଥିବା ମା' ଭଉଣୀ ଉପରେ ଆକ୍ରମଣକାରୀଙ୍କୁ ସୁରକ୍ଷା ପ୍ରଦାନ କରି ଆପଣ ଶଂଖାସୁରର ଆଚରଣକୁ ଅନୁସରଣ କରୁଛନ୍ତି କି ? କୋଇଲା ବ୍ଲକ ଆବଂଟନରେ ଆଦିତ୍ୟ ବିର୍ଲା କମ୍ପାନୀକୁ ଯଥେଷ୍ଟ ସହଯୋଗ କରି ବିଜେଡ଼ି ପାଣ୍ଠିକୁ ୮ କୋଟି ଟଙ୍କା ଚାନ୍ଦା ଆଣିଥିବା ଯଥେଷ୍ଟ ପ୍ରମାଣ ରହିଛି, ଏବେ ଫଂଚାୟତ ନିର୍ବାଚନ ପାଇଁ ଜିନ୍ଦଲ କମ୍ପାନୀ ଠାରୁ ମୋଟା ଅଙ୍କର ଅର୍ଥ ଆଣି ପୋଲିସ ଲଗାଇ ଢ଼ିଙ୍କିଆ ଗ୍ରାମାବାସୀଙ୍କୁ ବର୍ବରୋଚିତ ଆକ୍ରମଣ କରିଛନ୍ତି କି ଯଦି ନା ତାହାହେଲେ ଢ଼ିଙ୍କିଆ ଗ୍ରାମବାସୀଙ୍କୁ ଆକ୍ରମଣ କରିଥିବା ଦୋଷୀଙ୍କ ବିରୋଧରେ ଫୌଜଦାରୀ ମାମଲା କରି ତୁରନ୍ତ ଗିରଫ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ଦଳ ତରଫରୁ ଦାବି କରାଯାଇଛି । ୨୦୦୬ ଜାନୁଆରୀ ୨ ତାରିଖରେ କଳିଙ୍ଗ ନଗର ଗଣହତ୍ୟା ପ୍ରସଙ୍ଗରେ କିଛି ଆଦିବାସୀ ମହିଳାଙ୍କର ସ୍ତନକୁ ପୋଲିସ ବର୍ବରୋଚିତ ଭାବେ କାଟିଥିଲା, ତାର ପୁନରାବୃତି କରାଯାଇ ଶାସକଦଳ ବିଧାୟକ ଓ ମନ୍ତ୍ରୀଙ୍କ ପ୍ରରୋଚନାରେ ଓ ପୋଲିସର ମିଳିତ ଷଡ଼ଯନ୍ତ୍ରରେ କିଛି ଯୁବତୀ ଓ ମହିଳାଙ୍କ ଉପରେ ବର୍ବରୋଚିତ ଅତ୍ୟାଚାର କରାଯାଇଛି, ତାହା ବିହୀତ ଅନୁସନ୍ଧାନ କରାଯାଇ ଦୋଷୀକୁ ଦଣ୍ଡିତ କରିବାର ସତ୍‌ସାହସ ଦେଖାଇବେକି ? ଢ଼ିଙ୍କିଆର ପ୍ରସଙ୍ଗରେ ରାଜ୍ୟ ସରକାର ଓ ପ୍ରଶାସନ ସହ ପୋଲିସ କମ୍ପାନୀର ପୋଷା ଗୁଣ୍ଡା ଭଳି ବ୍ୟବହାର କରିଛି । ଯାହାକୁ ଦଳ ତରଫରୁ ତୀବ୍ର ଭର୍ତ୍ସନା କରାଯାଇଛି ଓ ଏ ସଂପର୍କରେ ଏକ ଉଚ୍ଚସ୍ତରୀୟ ତଦନ୍ତକାରୀ ଟିମ୍ ଆସନ୍ତା ୨୨ ତାରିଖରେ ଢ଼ିଙ୍କିଆ ଗସ୍ତ କରିବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି ।

୨୨ ଜିଲ୍ଲାର ୧୨୫ଟି ବ୍ଲକରେ କାର୍ଯ୍ୟକାରୀ ହେବ 'ସୋପାନ'

ଭୁବନେଶ୍ୱର,୨୦/୧ (ନି.ପ୍ର): ଫେବୁଆରିରୁ ରାଜ୍ୟର ୨୨ଟି ଜିଲ୍ଲାର ୧୨୫ଟି ବ୍ଲକରେ 'ସୋପାନ' କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ନେଇ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଜିଲ୍ଲାଗୁଡ଼ିକୁ ଟଙ୍କା ମଧ୍ୟ ପଠା ସରିଛି । ଏ ସଂକ୍ରାନ୍ତରେ ପ୍ରସ୍ତୁତ ଗାଇଡ୍‌ଲାଇନ୍ ଜିଲ୍ଲାଗୁଡ଼ିକୁ ପଠାଇବାର ବାକି ରହିଛି । ବର୍ତ୍ତମାନ କୋଭିଡ୍ ପରିସ୍ଥିତି ଥିବାରୁ ଯୋଜନା କିଭଳି ଆରମ୍ଭ ହେବ, ତାକୁ ନେଇ ତର୍ଜମା କରାଯାଉଛି । ଏଥିସହ କୋଭିଡ୍ ଯୋଗୁଁ ଅତିରିକ୍ତ କ'ଣ କରାଯାଇ ପାରିବ, ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶ ମଧ୍ୟ ଜିଲ୍ଲାଗୁଡ଼ିକୁ ପହଞ୍ଚିଯିବ ବୋଲି ରାଜ୍ୟ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅଙ୍ଗନବାଡି କେନ୍ଦ୍ର ବନ୍ଦ ଥିବାରୁ ବିଭାଗ ପାଇଁ ଯୋଜନା କାର୍ଯ୍ୟକାରୀ କରିବା ଏକ ଚ୍ୟାଲେଞ୍ଜ ହୋଇଛି । ରାଜ୍ୟରେ ଥିବା ସମୁଦାୟ ୭୨ହଜାର ୫୮୭ ଅଙ୍ଗନବାଡି କେନ୍ଦ୍ର ଜରିଆରେ ୯.୧୯ଲକ୍ଷ ଗର୍ଭବତୀ ଏବଂ ପ୍ରସୂତି, ୬ ମାସରୁ ୩ବର୍ଷର ୧୭.୯୩ ଲକ୍ଷ ଶିଶୁ, ୩ରୁ ୬ବର୍ଷ ପର୍ଯ୍ୟନ୍ତ ୧୬.୧୩ ଲକ୍ଷ ଶିଶୁଙ୍କ ମଧ୍ୟରେ ଆଇସିଡିଏସ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏଥି ଅନ୍ତର୍ଗତରେ ଗର୍ଭବତୀ ଏବଂ ଶିଶୁଙ୍କୁ ଅଣ୍ଡା, ଛତୁଆ ସମେତ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଖାଦ୍ୟ ପ୍ରଦାନ ସମେତ ବିଭିନ୍ନ ପ୍ରକାର ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ରାଜ୍ୟରେ ଶିଶୁ ଅପପୁଷ୍ଟି ଯେଉଁଭଳି ନିୟନ୍ତ୍ରିତ ହେବା କଥା ହୋଇପାରିନାହିଁ । ଏନଏଫଏଚ୍‌ଏସ୍ (ଜାତୀୟ ପରିବାର ସ୍ୱାସ୍ଥ୍ୟ ସ୍ୱାସ୍ଥ୍ୟ ସର୍ଭେ) ୨୦୧୫-୧୬ ଏବଂ ୧୯-୨୧ରେ ଜାରି ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି । ୦ରୁ ୫ ବର୍ଷ ମଧ୍ୟରେ ବୟସ ତୁଳନାରେ କମ ଉଚ୍ଚତା ଥିବା ଶିଶୁ ୨୦୧୫-୧୬ ମସିହାରେ ୩୪.୧ ପ୍ରତିଶତ, ଉଚ୍ଚତା ତୁଳନାରେ କମ ଓଜନ ଥିବା ଶିଶୁ ୨୦.୪ ପ୍ରତିଶତ, ଉଚ୍ଚତା ତୁଳନାରେ ଅତି କମ ଓଜନ ଥିବା ଶିଶୁ ୬.୪ ପ୍ରତିଶତ, କମ ଓଜନ ଥିବା ଶିଶୁ ୩୪.୪ ପ୍ରତିଶତ ରହିଛି । ବେଳେ ଏହି ହାର ୨୦୧୯-୨୧ରେ ୩୧ ପ୍ରତିଶତ, ୧୮.୧ ପ୍ରତିଶତ, ୬.୧ ପ୍ରତିଶତ ଏବଂ ୨୯.୭ ପ୍ରତିଶତ ରହିଛି । ଶିଶୁ ରକ୍ତହୀନତାର ସ୍ଥିତି ଆହୁରି ଜଟିଳ ରହିଛି । ୨୦୧୫-୧୬ ମସିହାରେ ୪୪ ପ୍ରତିଶତ ଏବଂ ୨୦୧୯-୨୧ ମସିହାରେ ୬୪.୨ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ହେଉଛନ୍ତି । ଅର୍ଥାତ ଟଙ୍କା ଯେଉଁଭଳି ଖର୍ଚ ହେଉଛି ଲାଭ ସେହି ଅନୁସାରେ ବର୍ତ୍ତମାନ ସୁଦ୍ଧା ମିଳି ପାରି ନାହିଁ । ଅପପୁଷ୍ଟିର ମୁକାବିଲା ପାଇଁ ଖୋର୍ଧା, ପୁରୀ ଏବଂ କଟକ ଭଳି ଜିଲ୍ଲା ପାଇଁ ଯାହା କରିବାକୁ ପଡ଼ିବ ଦକ୍ଷିଣ ଏବଂ ପଶ୍ଚିମଓଡ଼ିଶାର ଆଭ୍ୟନ୍ତରୀଣ ଗାଁ ପାଇଁ ତାହା ଯଥେଷ୍ଟ ନୁହେଁ । ଆବଶ୍ୟକତା ଅନୁସାରେ ନିର୍ଦ୍ଦିଷ୍ଟ ବ୍ଲକ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କାର୍ଯ୍ୟକାରୀ ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ । ଏହାକୁ ଦୃଷ୍ଟିରେ ରଖି ୨୦୨୦ ମସିହାରେ ଓଡ଼ିଶା ସରକାର 'ସୋପାନ' ଯୋଜନା ପ୍ରସ୍ତୁତ କରିଥିଲେ । କୋଭିଡ ଯୋଗୁଁ ଏହା କାର୍ଯ୍ୟକାରୀ ହେବାରେ ବିଳମ୍ବିତ ହୋ

ମହାବାତ୍ୟାର ସ୍ମରଣେ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

୧୮୬୫ ମସିହାରେ ଓଡିଶା, ୧୮୮୮ ମସିହାରେ ଗୁଜୁରାଟରେ ବାତ୍ୟା ହୋଇଥିଲା । ଗୁଜୁରାଟରେ ଏକ ଜାହାଜ ବୁଡି ୧୩୦୦ ଲୋକ ମରିଥିଲେ । ୧୯୩୦ ରେ୧୦,୧୯୪୦ ରେ୧୭, ୧୯୫୦ ରେ ୧୮ ଟି ବାତ୍ୟା ଭାରତ କୁ ଆସିଥିଲା ।୧୯୬୪ ରେ ତାମିଲନାଡୁ ରେ ସୁପର ସାଇକ୍ଲୋନ ହୋଇ ଧନୁଷ୍କୋସି ସହର ଓ ରେଳ ଲାଇନ ନଷ୍ଟ ହୋଇଥିଲା । ସହର ଟି ପରିତ୍ୟକ୍ତ ହୋଇଗଲା । ୧୯୬୫ରେ ଏକ ଭୟଙ୍କର ବାତ୍ୟା ବଙ୍ଗଳାଦେଶ ଓ ପଶ୍ଚିମ ବଙ୍ଗ ରେ ପଶି ୫୦ ହଜାର ଜୀବନ ନେଇଥିଲା ।

୧୯୭୧ ମସିହା ରେ ପାରାଦିପ ସହର ଓ ମହାନଦୀ ମୁହାଣରେ ବାତ୍ୟାଆସି ୧୧ହଜାର ଲୋକଙ୍କ ଜୀବନ ନେଇଥିଲା । ବାତ୍ୟାର ସର୍ବୋଚ୍ଚ ବେଗ ୧୮୫ କିମି ରେକର୍ଡ ହୋଇଥିଲା । ଅକ୍ଟୋବର ୧୨ ତାରିଖ ୨୦୧୩ ଦିନ ଫାଇଲିନ ନାମକ ମହାବାତ୍ୟା ଓଡିଶା ଉପକୂଳରେ ବ୍ୟାପକ କ୍ଷୟକ୍ଷତି କରି ୨୩ ଜଣଙ୍କ ଜୀବନ ନେଇଥିଲା । ବାତ୍ୟାର ବେଗ ୧୪୦ କିମି/ଏଚ ଥିଲା ଅକ୍ଟୋବର ୧୨,୨୦୧୪ ରେ ବାତ୍ୟା ହୁଡହୁଡ ବିଶାଖାପାଟନା ଠାରେ ଅବପାତ ଘଟାଇ ସେ ସହର ରେ ଧ୍ୱଂସଲୀଳା ରଚନାକରି ୬୦ ଲୋକଙ୍କ ପ୍ରାଣନେଇଥିଲା ।୨୦୧୮ ମସିହାରେ ତିତିଲି ନାମକ ଏକ ବାତ୍ୟା ଗତି ବଦଳାଇ ଗଜପତି ଜିଲ୍ଲାରେ ପଶି ପାହାଡ ଧସାଇ ୭୭ ଜଣଙ୍କ ଜୀବନ ନେଇଥଲା । ୨୦୧୯ ମସିହାରେ ଫନି ଓ ବୁଲବୁଲ ନାମକ ଦୁଇଟି ବାତ୍ୟା ଓଡିଶାର ଅତିଥି ହୋଇଥିଲେ । ଫନି ୨୦୯-୨୧୪ କିମି ଗତିରେ ପହଂଚି ଥିଲା। ୬୪ ଜଣଙ୍କ ଜୀବନ ହାନି ହେଲା । ୨୦୨୦ ମେ ୨୦ରେ ବାତ୍ୟା ଆଂଫାନୀ ସୁନ୍ଦରବନରେ ଲ୍ୟାଣ୍ଡଫଲ କରି ବ୍ୟାପକ କ୍ଷତି କରିଯାଇଛି। ଚଳିତ ବର୍ଷ ମେ ମାସରେ ୟାସ ବାତ୍ୟା ଧାମରା ଠାରେ ଅବପାତ ଘଟିଛି ଓ ସେପ୍ଟେମ୍ବର ମାସରେ ଗୁଲାବ ଓଡିଶାକୁ ଛୁଇଁଚି । ଚଳିତ ମାସ ଡ଼ିସେମ୍ବର ୫ରେ ଜୱାଦ ନାମକ ବାତ୍ୟା ଓଡିଶା ଉପକୂଳଦେଇ ଗତି କରିଥିଲା। ଏଥିରେ ଅଳ୍ପ ପବନ ହୋଇନଥିଲେ ମଧ୍ୟ ବ୍ୟାପକ ଫସଲ ନଷ୍ଟ ହୋଇଛି। ମୁଖ୍ୟତଃ ଧାନ ଫସଲ ଆମଦାନୀ ବେଳେ ଏହି ବାତ୍ୟା ଚାଷୀମାନଙ୍କ ପାଇଁ ଅଭିଶାପ ହୋଇଛି। ପ୍ରତିଥର ସରକାର ବାତ୍ୟାର ମୁକାବିଲା ପାଇଁ ଆଧୁନିକ ପ୍ରଣାଳି ଲୋକ ମାନଙ୍କୁ ଆଗୁଆ ସତର୍କ, ନିରାପଦ ସ୍ଥାନକୁ ସ୍ଥାନାନ୍ତୀକରଣ, ରନ୍ଧା ଖାଦ୍ୟ ବଣ୍ଟନ, ଔଷଧ-ପ୍ରତିଷେଧକ ପଦକ୍ଷେପ,ଗୋରୁଗାଈଙ୍କୁ ମଧ୍ୟ ସୁରକ୍ଷା ଓ ଖାଦ୍ୟ ପ୍ରଦାନ ଆଦି ଦ୍ୱାରା ଶୂନ୍ୟ ଫାଟାଲିଟ ଲକ୍ଷ୍ୟ ଘୋଷଣା କରିଥାନ୍ତି । ଓଡିଶାର ବାତ୍ୟା ମୁକାବିଲା ଆନ୍ତର୍ଜାତିକ ସ୍ତରରେ ପ୍ରଶଂସିତ ହେବା ସଙ୍ଗେ ସଙ୍ଗେ ଦେଶରେ ରୋଲ ମଡେଲ ରୂପେ ମର୍ଯ୍ୟାଦା ପାଇଛି । ଆଗରୁ ୫/୭ ବର୍ଷ ଅନ୍ତରରେ ଥରେ ବଡ ବାତ୍ୟା ଆସୁଥିଲା । ଏଣିକି ବର୍ଷକୁ ଏକାଧିକ ବଡ ବାତ୍ୟା ଆସି ଲୋକଙ୍କ ଆଶଙ୍କା ବଢେଇଦେଇଛି । ବାରମ୍ବାର ଘରଛାଡି ସେମାନଙ୍କୁ ଆଶ୍ରୟସ୍ଥଳକୁ ଯିବାକୁ ପଡୁଛି । ଫସଲ-ପନିପରିବା, ବିଦ୍ୟୁତ ସଂଯୋଗ ଆଦି ବ୍ୟାପକ କ୍ଷତି ଗ୍ରସ୍ତ ହେଉଚି । ଅସମୟରେ ବାତ୍ୟା ଆସୁଛି । ଏ ସବୁ ରାଜ୍ୟ ପାଇଁ ଚିନ୍ତାର କାରଣ ହୋଇଛି ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮

୪ର୍ଥ ଦିନ ସୁଦ୍ଧା ୬୭୭ ୱାର୍ଡ ମେମ୍ବର, ୭୫ ସମିତି ସଦସ୍ୟ ଓ ୯୮ ଜଣ ସରପଞ୍ଚଙ୍କ ପ୍ରାର୍ଥୀପତ୍ର

ଜଳେଶ୍ୱର, ୨୦/୧(ନି.ପ୍ର): ଆଜି ଗୁରୁବାର ପ୍ରାର୍ଥୀପତ୍ର ଦାଖଲର ୪ର୍ଥ ଦିନ ହୋଇଥିବା ବେଳେ ଆସନ୍ତା ୨୧ ତାରିଖ ଶେଷ ଦିନ ରହିଛି । ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକରେ ଆଜି ସୁଦ୍ଧା ୬୭୭ ୱାର୍ଡମେମ୍ବର ୯୮ଜଣ ସରପଂଚ ଓ ୭୫ଜଣ ସମିତି ସଦସ୍ୟଭାବେ ମନୋନୟନପତ୍ର ଦାଖଲ କରିଥିବା ଜଣାଯାଇଛି । ଜିଲା ପରିଷଦ ପଦବୀରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେପି ପକ୍ଷରୁ ଘୋଷଣା ହୋଇ ପାରିନାହିଁ । ବିଜେଡିର ୭ନଂ ଜୋନ୍‌ରୁ ତୁଳସୀ କିସ୍କୁ, ୮ନଂ ଜୋନ୍ ରୁ ଗୌରାଙ୍ଗ ସିଂ, ୯ ନଂରୁ ଅନୁସୂୟା ପ୍ରଧାନ ଓ ୧୦ନଂ ଜୋନ୍‌ରୁ ମିନତୀ ରାଣୀ ଜେନାଙ୍କ ନାମ ବ୍ଲକ ସଭାପତି ଭୂପତି ମିର୍ଦ୍ଧା ଘୋଷଣା କରିଥିବା ବେଳେ ବିଧାୟକ ଅଶ୍ୱିନୀ ପାତ୍ର ଉପସ୍ଥିତ ଥିଲେ । ସେହିପରି କଂଗ୍ରେସର ୭ନଂ ଜୋନ୍‌ରୁ ମନିକା ମାରାଣ୍ଡି, ୮ନଂ ଜୋନ୍ ରୁ ସୁରୟ ସୋରେନ୍, ୯ ନଂରୁ ଅଂଜଳି ବେହେରା ଓ ୧୦ନଂ ରେଣୁକା ଜେନାଙ୍କ ନାମ ବ୍ଲକ ସଭାପତି ରାଜିବ ପରିଡା ପ୍ରକାଶ କରିଛନ୍ତି । ପ୍ରକାଶଯୋଗ୍ୟ ଜଳେଶ୍ୱର ବ୍ଲକର ୭ନଂ ଜୋନ୍ ଆଦିବାସୀ ମହିଳା, ୮ନଂ ଜୋନ୍ ଆଦିବାସୀ, ଜୋନ୍ ୯ରେ ମହିଳା, ଜୋନ୍‌ନଂ-୧୦ରେ ହରିଜନ ମହିଳା ପଦବି ଲାଗି ସଂରକ୍ଷଣ ରହିଛି ।

ଅମିତ ଶାହାଙ୍କ ମେରଟ ଗସ୍ତ

ନୂଆଦିଲ୍ଲୀ,୨୦/୦୧: ଉତର ପ୍ରଦେଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଦିନ ମେରଟ ଗସ୍ତ କରିବେ । ଏହି ପରିପ୍ରେକ୍ଷୀରେ ସେ ପାର୍ଟିର ପଦାଧିକାରୀ ମାନଙ୍କ ସହିତ ବୈଠକ କରିବେ । ଭାଜପା ସୂତ୍ର ମୁତାବିକ ଶାହା ଶୁକ୍ରବାର ଦିନ ମେରଟ ପାର୍ଟି କାର୍ଯ୍ୟାଳୟରେ ପଦାଧିକାରୀ ମାନଙ୍କ ସହିତ ନିର୍ବାଚନ ପ୍ରଚାର ଓ ଘର ଘର ଅଭିଯାନ କରି ସମୀକ୍ଷା କରିବେ । ଉତର ପ୍ରଦେଶର ପ୍ରଥମ ପର୍ଯ୍ୟାୟ ମତଦାନ ୧୦ ଫେବୃୟାରୀ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୧୪ ଫେବୃୟାରୀକୁ ହେବ । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମ ଉତର ପ୍ରଦେଶର ୧୧୩ ବିଧାନସଭା ଆସନ ପାଇଁ ମତଦାନ ହେବ । ଭାଜପା ଏହି ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଭୋଟ ପାଇଁ ଏବେ ସୁଦ୍ଧା ୧୦୮ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଗାଁ ରାଜନୀତିରେ ପାଠୁଆ ଝିଅଙ୍କ....

ପାସ୍ କରିଥିବା ରାୟଗଡ଼ାର ରିୟା ନାଏକ । ମୋ ଅଞ୍ଚଳର ବିକାଶ ପାଇଁ ରାଜନୀତିକୁ ଆସିଛି, ଅନ୍ୟମାନଙ୍କ ଭଳି ମିଛ ପ୍ରତିଶ୍ରୁତ ଦେଇ ନୁହେଁ, କିଛି ନିଆରା କରିବାର ଲକ୍ଷ୍ୟ ରଖିଛି । ଏକଥା ହେଉଛି, ରାୟଗଡା ଜିଲ୍ଲା କାଶୀପୁର ଖ'-ଜୋନ ପାଇଁ ଜିଲ୍ଲାପରିଷଦ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିଥିବା ୨୧ ବର୍ଷୀୟ ରିୟା ନାଏକଙ୍କର । ସେହିଭଳି ସିଭିଲି ଇଂଜିନିୟର ଶ୍ୱେତସ୍ୱନୀ ରଣବିଜୁଳି, ଘରୋଇ କମ୍ପାନୀରେ ଚାକିରି କରିବା ସହ ସ୍ୱାମୀଙ୍କ କାମରେ ସହଯୋଗ କରୁଥିଲେ । ଏବେ ସେ ଜନସେବା କରିବାକୁ ନିର୍ବାଚନରେ ପାଦ ଥାପିଛନ୍ତି । ବିଜେପି ଟିକଟରୁ ଖୋର୍ଦ୍ଧା ବେଗୁନିଆ ନିର୍ବାଚନ ମଣ୍ଡଳିର ୨୪-ନମ୍ବର ଜୋନରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି । ଏମାନଙ୍କ ସହିତ ରଶ୍ମୀତା ପାତ୍ର,ବିଏସସି ପାସ୍ ଛାତ୍ରୀ ଏବଂ ରୁବି ବେହେରା ମଧ୍ୟ ଏହି ପଞ୍ଚାୟତ ନିର୍ବାଚନରେ ରାଜନୀତିକୁ ଓହ୍ଲାଇଛନ୍ତି । ଗଞ୍ଜାମ ଖଲ୍ଲିକୋଟ ବ୍ଲକ ଓଡ଼ିଆ ଆଲପୁର ପଞ୍ଚାୟତର ରଶ୍ମୀତା, ଯୁକ୍ତ ଦୁଇ ପରେ ବ୍ୟାଚଲର ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍ କରିଛନ୍ତି । ଏବେ ସରପଞ୍ଚ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବା ପରେ ଘରକୁ ଘର ବୁଲି ପ୍ରଚାର ଆରମ୍ଭ କରିଛନ୍ତି ।ସେହିଭଳି ସିବିଏସଇ ପଞ୍ଚାବ ବୋର୍ଡର ୨୦୧୮ ଟପର ରୁବି ବେହେରା, ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି । ଲୋକଙ୍କ ଅସୁବିଧାକୁ ଅନୁଭବ କରି ସେଗୁଡିକ ଦୂର କରିବା ପାଇଁ ରାଜନୀତିକୁ ଓହ୍ଲାଇଛନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କେନ୍ଦ୍ରାପଟି ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ପାଇଁ ସେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

ଓବିସି ସଂରକ୍ଷଣ ନେଇ ....

ସେହି ମାମଲାର ଶୁଣାଣି କରି ଓବିସିଙ୍କ ପାଇଁ ରଖାଯାଇଥିବା ସଂରକ୍ଷିତ ଆସନକୁ ଅଣସଂରକ୍ଷିତ ଆସନ କରିଦେବାକୁ ଡିସେମ୍ବରରେ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । ହେଲେ ପୁନଃବିଚାର ପାଇଁ କୋର୍ଟକୁ ଯାଇଥିଲେ ଉଭୟ ରାଜ୍ୟ ସରକାର । ଓଡିଶା ହାଇକୋର୍ଟ ମଧ୍ୟ ଓବିସି ସଂରକ୍ଷଣ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଛନ୍ତି । ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ନଦେବା ପ୍ରସଙ୍ଗରେ ବିରୋଧ କରି ହାଇକୋର୍ଟ ଯାଇଥିଲା ରାଜ୍ୟ କଂଗ୍ରେସ । ହେଲେ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଜାନୁଆରୀ ୨୧ ତାରିଖରେ ନାମାଙ୍କନ ଦାଖଲର ଶେଷ ତାରିଖ ରହିଛି । ଏଭଳି ସ୍ଥିତିରେ ମାମଲାରେ ହସ୍ତକ୍ଷେପ କରିହେବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ । ନିର୍ବାଚନ ଶେଷହେବା ପରେ ଆବେଦନକାରୀ ଆଇନ ଅନୁସାରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି କୋର୍ଟ କହିଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଓବିସିଙ୍କ ପାଇଁ ସଂରକ୍ଷିତ ଥିବା ଆସନ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ କରିଦେଇଛନ୍ତି ରାଜ୍ୟ ସରକାର । ଏହାକୁ ବେଆଇନ ଦର୍ଶାଇ ହାଇକୋର୍ଟରେ ଆବେଦନ କରିଥିଲା ରାଜ୍ୟ କଂଗ୍ରେସ ।

ପୁଣି ରାଜରାସ୍ତାରେ ଗର୍ଜିଲେ ....

ସେହି ଅନୁସାରେ ଓଡ଼ିଶାରୁ ଅନ୍ୟାନ୍ୟ ଚାରୋଟି ପ୍ରଜ୍ଞାପନ ମେଢ଼ର ଚିତ୍ର ସହ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ପାଇକ ବିଦ୍ରୋହର ବୃତଚିତ୍ର ପ୍ରଦାନ କରାଯାଇଥିଲା ଏବଂ ଏହାକୁ ଦିଲ୍ଲୀର ଚୟନ କମିଟି ତୃତୀୟ ରାଉଣ୍ଡ ପର୍ଯ୍ୟନ୍ତ ନେଇ ଏହା ଆକର୍ଷଣୀୟ ବୋଲି ମତାମତ ଦେଇଥିବାବେଳେ ହଠାତ୍ ଏହାକୁ ବାଦ୍ ଦିଆଗଲା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ପରିତାପର ବିଷୟ। ଏହା ରାଜ୍ୟର ସ୍ୱାଭିମାନ ଓ ଅସ୍ମିତା ପ୍ରତି କୁଠାରଘାତ କରିଛି। ତେଣୁ ଓଡ଼ିଶାର ଏହି ପ୍ରଜ୍ଞାପନ ମେଢ଼କୁ ସାଧାରଣତନ୍ତ୍ର ଦିବସରେ କେନ୍ଦ୍ର ସରକାର ସ୍ଥାନ ଦେବା ପାଇଁ ପୁର୍ନବିଚାର ନକଲେ ଏହାର ଦୃଢ଼ ପ୍ରତିବାଦ ଓଡ଼ିଶାର କୋଣ ଅନୁକୋଣରେ ଚାଲୁ ରହିବ ବୋଲି ଡଃ ଶ୍ରୀଚନ୍ଦନ ଚେତାବନୀ ଦେଇଛନ୍ତି। ସେହିପରି ରାଜ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଏ ସମ୍ପର୍କରେ ଲେଖିବା ପାଇଁ ସେ ଅନୁରୋଧ କରିଛନ୍ତି। ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ନିୟୁ ଥିଙ୍କିଙ୍ଗ ଫୋରମର ସଭାପତି ନରେନ୍ଦ୍ର ପୁଷ୍ଟି, ବିଶିଷ୍ଟ ସମାଜସେବୀ ଗଣେଶ ସାମନ୍ତ ଏବଂ ପ୍ରଧାପକ ନିରୋଦ ଖୁଂଟିଆ, ଅବନୀ ଜେନା, ଅଜୟ ଗୁମାନସିଂ ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ ସମାଜସେବୀ ଉପସ୍ଥିତ ରହି ସେମାନଙ୍କର ପ୍ରତିକ୍ରିୟା ପ୍ରକାଶ କରିଥିଲେ।

ଗୋଆ ପାଇଁ ପ୍ରାର୍ଥୀ ଘୋଷଣା....

ଘୋଷଣା କରିଛି । ଉପଲଙ୍କୁ ଟିକେଟ୍ ନ ମିଳିବା ପରେ ତାଙ୍କୁ ଅନ୍ୟ ଦଳରେ ଯୋଗ ଦେବା ପାଇଁ ନିମନ୍ତ୍ରଣର ସୁଅ ଛୁଟିବାରେ ଲାଗିଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଟ୍ୱିଟ୍ କରି ଉପଲଙ୍କୁ ଆପରେ ଯୋଗ ଦେବାପାଇଁ କହିଛନ୍ତି । ପାଖେଇ ଆସୁଛି ଗୋଆ ବିଧାନସଭା ନିର୍ବାଚନ ତାରିଖ । ଯାହାକୁ ନେଇ ସମସ୍ତ ରାଜନୈତିକ ଦଳ ପ୍ରସ୍ତୁତି ଜୋରଦାର ଆରମ୍ଭ କରିଛନ୍ତି । ଏଥର ନିର୍ବାଚନରେ ଏନସିପି-ଶିବସେନା ମିଳିତ ଭାବେ ଗୋଆରେ ନିର୍ବାଚନ ଲଢୁଥିବାବେଳେ ଗୋଆ ନିର୍ବାଚନକୁ ନେଇ କଂଗ୍ରେସ ଓ ଟିଏମସି ମଧ୍ୟ ଜୋର ସୋର ଉଦ୍ୟମ ଚଳାଇଛନ୍ତି । ସେପଟେ ଉପଲ ଯଦି ସ୍ୱାଧୀନ ଭାବେ ନିର୍ବାଚନ ଲଢିବେ ତାହାଲେ ତାଙ୍କୁ ଶିବସେନା ପୂର୍ଣ୍ଣ ସମର୍ଥନ କରିବ ବୋଲି କହିଛନ୍ତି ସାଂସଦ ସଂଜୟ ରାଉତ । ଉପଲଙ୍କୁ ଟିକେଟ୍ ନ ମିଳିବା ନେଇ ବିବାଦ ତେକୁଥିବାବେଳେ ଗୋଆ ପାଇଁ ବିଜେପିର ନିର୍ବାଚନ ପ୍ରଭାରୀ ଥିବା ଦେବେନ୍ଦ୍ର ଫଡନବିସ କହିଛନ୍ତି ଦଳ ଯାହା ବି ନିଷ୍ପତି ନେଇଛି ବୁଝି ବିଚାରି ନେଇଛି । ଏପରି ସ୍ଥଳ ଉପଲ ପାରିକର ବିଜେପିରେ ରହୁଛନ୍ତି ନା ଦଳ ଛାଡୁଛନ୍ତି, ତାହା ଦେକିବାକୁ ବାକି ରହିଲା ।

ଚତୁର୍ଥ ଦିନ ସୁଦ୍ଧା ନାମାଙ୍କନପତ୍ର ଦାଖଲ କଲେ ୭୬୭ ଜଣ

ବାଲିଆପାଳ, ୨୦/୦୧ (ନି.ପ୍ର): ଆଜି ଚତୁର୍ଥ ଦିନରେ ବାଲିଆପାଳ ବ୍ଲକରେ ୩୫୦ ଜଣ ୱାର୍ଡ ମେମ୍ବର, ୫୯ ଜଣ ସରପଞ୍ଚ ଏବଂ ୫୪ ଜଣ ସମିତି ସଦସ୍ୟ ପ୍ରାର୍ଥୀ ଏହିଭଳି ମୋଟ ୪୬୩ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କୋଭିଡ କଟକଣା ମାନି ସମସ୍ତେ ସ୍ୱଳ୍ପ ସଂଖ୍ୟକ ସମର୍ଥକଙ୍କ ଗହଣରେ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତେବେ ଏମାନଙ୍କ ମଧ୍ୟରୁ ଅଧିକାଂଶ କଂଗ୍ରେସ ଓ ବିଜେପିର ପ୍ରାର୍ଥୀ ଥିବା ଶୁଣିବାକୁ ମିଳୁଛି । ଆସନ୍ତା କାଲି ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲର ସମୟ ସୀମା ରହିଥିବାରୁ ଶୁକ୍ରବାର ବ୍ଲକରେ ପ୍ରବଳ ଭିଡ ହେବ ବୋଲି ଆଶା କରାଯାଉଛି । ଚତୁର୍ଥ ଦିନ ଶେଷସୁଦ୍ଧା ସର୍ବମୋଟ ୭୬୭ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୫୯୧ଜଣ ୱାର୍ଡମେମ୍ବର ୧୦୦ଜଣ ସରପଞ୍ଚ ଓ ୭୬ଜଣ ସମିତି ସଦସ୍ୟ ଭାବରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ରାଜଧାନୀରେ ୨୪ ଘଂଟାରେ ୧୪୯୮ ପଜିଟିଭ୍

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ରାଜଧାନୀରେ କରୋନା ସଂକ୍ରମଣ ବଢି ବଢି ଚାଲିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଗୁରୁବାର ଆଉ ୧୪୯୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୫୩ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୪୪୫ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୯୯୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୧୪୧୪ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ନୟାପଲ୍ଲୀରୁ ୧୫୭ ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି ପଟିଆ ଅଂଚଳରୁ ୧୫୦ ଜଣ, ଖଣ୍ଡଗିରି ଅଂଚଳରୁ ୧୪୮, ଚନ୍ଦ୍ରଶେଖରପୁରରୁ ୧୩୦ , ଓଲ୍ଡଟାଉନ୍ ରୁ ୭୮, ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୩୭୭୧୨ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୬୪୦୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୧୦୫ ରେ ପହଂଚିଛି । ବର୍ତମାନ ଆଉ ୧୦୧୭୭ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି ।

ବାଲେଶ୍ୱର ଜିଲ୍ଲା ବାରିକ ସମିତିର ସ୍ମୃତି ଚାରଣ ସଭା

ବାଲେଶ୍ୱର, ୨୦/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାରିକ ସମିତିର ପୂର୍ବତନ ସଭାପତି ଦିବଙ୍ଗତ ନାରାୟଣ ଚନ୍ଦ୍ର ବାରିକଙ୍କର ସ୍ମୃତିଚାରଣ ସଭା ଉପସଭାପତି ଶ୍ରୀଯୁକ୍ତ ପରମାନନ୍ଦ ବାରିକଙ୍କ ସଭାପତିତ୍ୱରେ EvokesSaloon, Nayabazar, Baleswar ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ବାରିକ ଜାତିର ସର୍ବାଙ୍ଗିନ ଉନ୍ନତୀ ପାଇଁ ସେ ସାରା ଜୀବନ ସଙ୍ଗ୍ରାମ ତଥା ସେଲୁନ ଭାଇ ମାନଙ୍କର ଉନ୍ନତି ତଥା ସୁଖ-ଦୁଃରେ ସେ ସଦା ସର୍ବଦା ନିଜକୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜାରି ରଖିଥିଲେ, ଏହା ସମସ୍ତ ବକ୍ତାମାନେ ପ୍ରକାଶ କରିଥିଲେ । ସେ ଜଣେ ନୀତିନିଷ୍ଠ, ସତ୍ୟର ଉପାସକ ଥିଲେ, ପରୋପକାରୀ, ଆଦର୍ଶବାଦୀ ବ୍ୟକ୍ତି ଥିଲେ । ଦୁଃଖି ର ସେ ଦୁଃଖ ଦେଖି ପାରୁ ନଥିଲେ, ଯଥା ଶକ୍ତି ସେ ସାହାଯ୍ୟ କରୁଥିଲେ । ସ୍ମୃତି ଚାରଣ ରେ ସମସ୍ତଙ୍କର ଆଖି ଲୋତକପୂର୍ଣ ହୋଇଯାଇ ଥିଲା । ବକ୍ତବ୍ୟ ରଖିଥିଲେ, ସମ୍ପାଦକ ଶୁଭ୍ର ଲୋଚନ ବାରିକ, କୋଷାଧକ୍ଷ ହରେକୃଷ୍ଣ ବାରିକ, ରମାକାନ୍ତ ବେଜ, ବିକର୍ତ୍ତନ ବାରିକ, ରବିନ୍ଦ୍ର ବେଜ, ପ୍ରଭାସ ଚନ୍ଦ୍ର ବେଜ, ରମେଶ ବାରିକ, ଶଙ୍କର୍ଷଣ ବାରିକ, ସନ୍ତୋଷ କୁମାର ବାରିକ,ବନମାଳୀ ବାରିକ, ବଳରାମ ବାରିକ, ସୁରେଶ ବାରିକ, ମାନସ ବାରିକ, ସପନ ବାରିକ, ସନ୍ୟାସୀ ବାରିକ, ନବୀନ ବାରିକ ଏବଂ ନବୀନ ବାରିକ ଇତ୍ୟାଦି ଶତାଧିକ ବାରିକ ଜାତି ଭାଇମାନେ । ପ୍ରଥମେ ତାଙ୍କର ଆତ୍ମାର ବିଶ୍ରାନ୍ତି ପାଇଁ ନୀରବ ପ୍ରାର୍ଥନା କରା ଯାଇ ଥିଲା । ଦ୍ୱିତୀୟରେ ଫଟୋ ଚୀତ୍ରରେ ଶ୍ରଦ୍ଧାସୁମନ ସମସ୍ତେ ଅର୍ପଣ କରିଥିଲେ, ତା'ପରେ ସ୍ମୃତି ଚାରଣ କରାଯାଇଥିଲା । ଶେଷରେ ନିତ୍ୟାନନ୍ଦ ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଅପରାହ୍ନ ୪ଟାରେ ଆରମ୍ଭ ହୋଇ ୫ଟାରେ ସଭାପତି ବିରତୀ ଘୋଷଣା କରିଥିଲେ ।

ବି.ଜେ.ଡି.ର ପ୍ରାର୍ଥୀ ପତ୍ର ଦାଖଲ

ବାରିପଦା,୨୦/୦୧(ନି.ପ୍ର): ବିଜୁ ଜନତା ଦଳର ବାରିପଦା ନିର୍ବାଚନ ମଣ୍ଡଳୀ ତରଫରୁ ବାରିପଦା ବ୍ଲକରେ ଥିବା ଦୁଇଗୋଟି ଜୋନ୍ ଯଥା-୨୯ ନଂ ଜିଲ୍ଲା ପରିଷଦ ଜୋନ

ବାଲେଶ୍ୱର, ଶୁକ୍ରବାର, ୨୧ ଜାନୁଆରୀ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଗୋଟିଏ ଦିନରେ ୧୦୩୬୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୦/୦୧(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୩୬୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୭୭୪୬୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୦୯୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୮୦ ହଜାର ୫୬୨ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୮୩୪୬ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୩୬୮ ଜଣଙ୍କ ମଧ୍ୟରୁ ୬୦୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩୫୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୩୦୩୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୩୬, ବାଲେଶ୍ୱର ଜିଲ୍ଲାରୁ ୩୦୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୨୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୭୬, କଟକରୁ ୯୪୦ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୭୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୮୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୧୦୦, ଗଂଜାମ ଜିଲ୍ଲାରେ ୮୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୬୫, ଯାଜପୁରରୁ ୨୯୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୫୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୯୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୮୩, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୧୨୩, ଖୋର୍ଦ୍ଧାରୁ ୩୦୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ପଞ୍ଚାୟତ ନିର୍ବାଚନରେ ଉଚ୍ଚଶିକ୍ଷିତ ଯୁବବର୍ଗଙ୍କୁ ବିଜେପି ପ୍ରାର୍ଥୀ କରିଛି: ସାଂସଦ

ବାଲେଶ୍ୱର,୨୦/୦୧ (ନି.ପ୍ର): ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ପଦ ପାଇଁ ନାମାଙ୍କନ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଜିଲା ପରିଷଦ ସଭ୍ୟ ପଦ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦଳୀୟ ଟିକଟରେ ପ୍ରାର୍ଥିପତ୍ର ଦାଖଲ ଚାଲିଛି । ଦିନକ ପରେ ଏହି ନାମାଙ୍କନ ପ୍ରକ୍ରିୟା ଶେଷ ହେବାକୁ ଯାଉଥିବା ବେଳେ ବିଜେପି ପକ୍ଷରୁ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ବିଜେପି ଜିଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ୩୧ ସଭ୍ୟପଦ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ବାକି ୧୪ ଜୋନର ପ୍ରାର୍ଥୀ ୨୧ ତାରିଖରେ ସିଧାସଳଖ ନାମାଙ୍କନପତ୍ର ଦାଖଲ କରିବାକୁ ଆସିବେ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି । ଏହି ନିର୍ବାଚନରେ ବିଜେପି ପକ୍ଷରୁ ଜିଲାପରିଷଦ ସଭ୍ୟ ଓ ଅନ୍ୟାନ୍ୟ ପଦ ପାଇଁ ଅତି ଉଚ୍ଚଶିକ୍ଷିତ ପ୍ରାର୍ଥୀ ଦିଆଯାଇଥିବା ସେ କହିଛନ୍ତି । ଗ୍ରାମାଞ୍ଚଳରେ ସାମ୍ପ୍ରତିକ ବିକାଶର ବାସ୍ତବ ରୂପ ଓ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ବିଜେପି ପକ୍ଷରୁ ଭୋଟରଙ୍କୁ ସଚେତନ କରାଯିବ। ବିଶେଷ କରି ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ଼ ଓ ଦୁର୍ନୀତି ମୁକ୍ତ କରିବା ପାଇଁ ବିଜେପି କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଆଭିମୁଖ୍ୟ ଏବଂ ରାଜ୍ୟ ସରକାରଙ୍କ ବିଫଳତାକୁ ନିର୍ବାଚନୀ ମୁଦ୍ଦା କରିବ ବୋଲି ଶ୍ରୀ ଷଡ଼ଙ୍ଗୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ ସୋର ବିଜେପି ନେତା ରାକେଶ ମଲିକ, ଭୋଗରାଇର ଅଂଶୁମାନ ମହାନ୍ତି, ବିଜେପି ଜିଲା ସାଧାରର ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଈଶ୍ୱର ଚନ୍ଦ୍ର ବେହେରା, ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ବିଜେପିରେ ଯୋଗ ଦେଇଥିବା ସୋର ଅଞ୍ଚଳର ଛାମୁଆ କର୍ମୀଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା ।

ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କୁ କୋଭିଡ ଟିକାଦାନ

ବାଲେଶ୍ୱର,୨୦/୦୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ମେଘଡମ୍ବରୁସ୍ଥିତ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲରେ କୋଭିଡ ଟିକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା, ଉପାଧ୍ୟକ୍ଷ ତଥା ଶିକ୍ଷକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟିକାକରଣ ସୁଚାରୁରୂପେ ପରିଚାଳିତ ହୋଇଥିଲା। ବିଦ୍ୟାଳୟରେ ଶିକ୍ଷାଗ୍ରହଣ କରୁଥିବା ୧୫ରୁ ୧୮ ବର୍ଷ ବୟସର କିଶୋର କିଶୋରୀଙ୍କୁ ଟିକା ପ୍ରଦାନ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗକୁ ନିବେଦନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ସହଯୋଗ କ୍ରମେ ଧାର୍ଯ୍ୟ ସମୟ ମଧ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କୋଭିଡ ଟିକା ପ୍ରଦାନ କରାଯାଇଥିବା ଶିକ୍ଷକ ପ୍ରଦୀପ ବାରିକ ସୂଚନା ଦେଇଛନ୍ତି। ଉତ୍ତମ ଶିକ୍ଷାଦାନ ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ଉପରେ ଏହି ବିଦ୍ୟାଳୟ ସର୍ବଦା ଗୁରୁତ୍ୱ ଦେଇଆସିଛି। ଛାତ୍ରଛାତ୍ରୀମାନେ ଟିକା କେନ୍ଦ୍ରକୁ ଯିବା ପରିବର୍ତ୍ତେ ବିଦ୍ୟାଳୟରେ ଟିକା ନେବା ପାଇଁ ବ୍ୟବସ୍ଥା କରାଯାଇଥବା ଶିକ୍ଷକ ଶ୍ରୀ ବାରିକ କହିଛନ୍ତି।

ପ୍ରଦୀପ ସେନାପତି ଜାତୀୟସ୍ତରର ମାନ୍ୟତାପ୍ରାପ୍ତ ସାମ୍ବାଦିକ ଭାବେ ମନୋନୀତ



ଭଦ୍ରକ, ୨୦/୦୧ (ନି.ପ୍ର): ରାଜ୍ୟ, ଜାତୀୟ ଏବଂ ଆନ୍ତର୍ଜାତୀୟସ୍ତରର ୪୦୦ରୁ ଉର୍ଦ୍ଧ୍ୱ ଉଚ୍ଚକୋଟୀର ସ୍ତମ୍ଭ ଲେଖି ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନର ରାଜ୍ୟ ସଭାପତି ପ୍ରଦୀପ ସେନାପତି ପ୍ରଶଂସିତ ହୋଇଛନ୍ତି। ସେ ନିଜ ଲେଖନୀ ଚାଳନାରେ ସାମ୍ବାଦିକ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେଥିପାଇଁ ଜାତୀୟ ଗଣମାଧ୍ୟମ ସଂସ୍ଥା ଇଣ୍ଡିଆନ ନ୍ୟୁଜ୍ ସାଇଟ୍ ପକ୍ଷରୁ ତାଙ୍କର ଅଭିଜ୍ଞତା ଓ ପରିପକ୍ୱତାକୁ ଆଧାର କରି ଶ୍ରୀ ସେନାପତିଙ୍କୁ ଜାତୀୟସ୍ତରର ମାନ୍ୟତାପ୍ରାପ୍ତ ସାମ୍ବାଦିକ ଭାବେ ମନୋନୀତ କରାଯାଇଛି ବୋଲି ଆଇଏନ୍ଏସ୍ର ସମ୍ପାଦକ ତଥା ଲେଖକ, ସାହିତ୍ୟିକ, ଗାଳ୍ପିକ ଏବଂ ବରିଷ୍ଠ ସ୍ତମ୍ଭକାର ଶରତ କୁମାର ରାଉତ ଗଣମାଧ୍ୟମରେ ଘୋଷଣା କରିଛନ୍ତି। ଗଣମାଧ୍ୟମ ପ୍ରତିନିଧି ମାନଙ୍କ ବହୁମୁଖୀ ସମସ୍ୟା ନେଇ ଏହାର ସମାଧାନ ନିମନ୍ତେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଉପରେ ଏଭଳି ଗୁରୁ ଦାୟିତ୍ୱର ପ୍ରଭାବ ପଡ଼ିବ ବୋଲି ଶ୍ରୀ ସେନାପତି କହିଛନ୍ତି। ଗଣମାଧ୍ୟମ ସୁସଂଗଠିତ, ସୁଦୃଢ଼ ରହିଲେ ସରକାରୀ ସ୍ତରରେ ସମାଧାନର ବାଟ ସହଜରେ ବାହାରିପାରିବ ବୋଲି ଶ୍ରୀ ସେନାପତି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସାମ୍ବାଦିକ ତଥା ଆଇନଜୀବୀ ଦେବେନ୍ଦ୍ର କୁମାର ପଣ୍ଡା, ଆଇନଜୀବୀ ସୁବୋଧ କୁମାର ସାହୁ, ସଞ୍ଜୟ ମଲ୍ଲିକ, ବିନାୟକ ମଲ୍ଲିକ, ଭାସ୍କର ଚନ୍ଦ୍ର ମହାନ୍ତି, ଧନେଶ୍ୱର ମଲ୍ଲିକ, ପବିତ୍ର ମୋହନ ଜେନା, ସୁଶାନ୍ତ କୁମାର ଘଡ଼ାଇ, ବ୍ରଜଗୋପାଳ ଦାସ, ମିନତୀ ପାଢ଼ୀ, କରସୁଧା ପଟ୍ଟନାୟକ, ରଶ୍ମିତା ମିଶ୍ର, ପୁରୁଣା ଭୁବନେଶ୍ୱର ଯୁବ ସଂଗଠନର ସାଧାରଣ ସମ୍ପାଦକ ଯଯାତି କେଶରୀ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରତାପ କୁମାର ମଲିଆ, ଭାରତ ଭୂଷଣ ମହାନ୍ତି, ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାନ୍ତି, ବିଶ୍ୱନାଥ ସାହୁ, ସମାଜ ଆଇନାର ସମ୍ପାଦକ ମନୋଜ କୁମାର ସେଠ୍, ସିଂହାସନର ସମ୍ପାଦକ ହୃଦୟନାଥ ସାହୁ, ମେଟ୍ରୋ ଓଡ଼ିଶାର ସମ୍ପାଦକ ସରୋଜ କୁମାର ମିଶ୍ର, ଆମରି କଥାର ସମ୍ପାଦକ କୈଳାଶ ମିଶ୍ର, ଡାକ୍ତର ପ୍ରସନ୍ନ କୁମାର ରଥ ପ୍ରମୁଖ ଶ୍ରୀ ସେନାପତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ବଳରାମଗଡ଼ି ଗଙ୍ଗାସାଗର ମେଳା ଉଦ୍‌ଯାପିତ

ବାଲେଶ୍ୱର,୨୦/୦୧ (ନି.ପ୍ର): ପବିତ୍ର ମକର ସଂକ୍ରାନ୍ତିଠାରୁ ବୁଢ଼ାବଳଙ୍ଗ ନଦୀମୁହାଣ ବଳରାମଗଡ଼ିଠାରେ ଆରମ୍ଭ ହୋଇଥିବା ୭ ଦିନିଆ ଗଙ୍ଗାସାଗର ମେଳା ଉଦଯାପିତ ହୋଇଯାଇଛି। କୋଭିଡ କଟକଣା ଯୋଗୁଁ ଚଳିତବର୍ଷ ନିରାଡ଼ମ୍ବର ଭାବେ ଏହି ମେଳା ଆୟୋଜିତ ହୋଇଥିଲା। ପୂଜା ମଣ୍ଡପରେ ଗଙ୍ଗା, ଯମୁନା, ସରସ୍ୱତୀ ଓ ଭଗୀରଥଙ୍କ ମୃଣ୍ମୟ ମୂର୍ତ୍ତି ଶୋଭା ପାଉଥିଲେ ବି ମେଳାରେ ଲୋକଭହଳି ଦେଖିବାକୁ ମିଳି ନଥିଲା। ପ୍ରତିବର୍ଷ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ଏହି ମେଳାରେ ଲୋକେ ରୁଣ୍ଡ ହୋଇଥା'ନ୍ତି। ସେହିଭଳି ଜିଲା ତଥା ଜିଲା ବାହାରୁ ଏମିତିକି କୋଲକାତାରୁ ବଡ଼ ବଡ଼ ବ୍ୟବସାୟୀମାନେ ଏହି ମେଳାକୁ ଆସି ବିଭିନ୍ନ ପ୍ରକାରର ଦୋକାନ ଖୋଲିଥା'ନ୍ତି। ମେଳାକୁ ଆସୁଥିବା ଲୋକେ ନିଜ ଘର ପାଇଁ ଆବଶ୍ୟକୀୟ ସାମଗ୍ରୀ ଏଠାରୁ ପ୍ରତିବର୍ଷ କିଣି ନେଉଥିଲେ। ମାତ୍ର ଚଳିତବର୍ଷ ସେଭଳି ଦୋକାନ ନାହିଁ କିମ୍ବା ଲୋକଙ୍କ ଗହଳି ବି ନାହିଁ। କାଁ ଭାଁ ଆଖପାଖ ଅଞ୍ଚଳର ଉଠା ଦୋକାନୀ ମେଳାରେ ଷ୍ଟଲ ଖୋଲିଥିଲେ ମଧ୍ୟ ସେଭଳି ବେପାର ହୋଇନଥିବା ସେମାନେ କହିଛନ୍ତି। ପୂର୍ବରୁ ସଂଧ୍ୟାରେ ମେଲୋଡ଼ି କାର୍ଯ୍ୟକ୍ରମ ଓ ଭଜନ ସଂଧ୍ୟା ସାଙ୍ଗକୁ ରାତସାରା ହେଉଥିବା ଅପେରା ନାଚ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଚଳିତବର୍ଷ ବାତିଲ କରାଯାଇଥିବା ଗଙ୍ଗା ମନ୍ଦିର ପରିଚାଳନା କମିଟି ଓ ଗଙ୍ଗାସାଗର ମେଳା ଆୟୋଜନ କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏମିତିକି ପୂର୍ବରୁ ଶ୍ରଦ୍ଧାଳୁଙ୍କ ପାଇଁ ୭ ଦିନ ଧରି ଚାଲୁଥିବା ପ୍ରସାଦ ସେବନ ବ୍ୟବସ୍ଥାକୁ ମଧ୍ୟ ବନ୍ଦ ରଖାଯାଇଥିବା ସେମାନେ କହିଛନ୍ତି। ବଳରାମଗଡ଼ି ଘାଟରୁ ମାଛ ମାରିବାକୁ ସମୁଦ୍ରକୁ ଯାଉଥିବା ହଜାରେରୁ ଉର୍ଦ୍ଧ୍ୱ ଟ୍ରଲର, ଗିଲ୍‌ନେଟିଂ, ଭୁଟୁଭୁଟି ପ୍ରଭୃତି ବନ୍ଦ ରହିବା ସହ ମାଲିକ ଓ କର୍ମଚାରୀ ଉଭୟ ଏହି ମେଳାରେ ଗଙ୍ଗାମାତାଙ୍କଠାରେ ପୂଜାର୍ଚ୍ଚନା କରିଥିଲେ। ପ୍ରାୟ୬୦ ବର୍ଷ ଧରି ଏହି ମେଳା ଆୟୋଜିତ ହୋଇ ଆସୁଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ସଭାପତି ନରେନ୍ଦ୍ର ବିହାରୀ ଦାସ, ସମ୍ପାଦକ ତ୍ରିଲୋଚନ ବସ୍ତିଆ, କୋଷାଧ୍ୟକ୍ଷ ଉପେନ୍ଦ୍ର ବେହେରା, ଆନନ୍ଦ ତ୍ରିପାଠୀ, ବିନୋଦ ତ୍ରିପାଠୀ, ପ୍ରଭାଂଶୁ ଶେଖର ସିଂହ, ପୁରୁଷୋତ୍ତମ ମାଝୀ, ଶ୍ରୀଧର ମାଝୀ, ହରେକୃଷ୍ଣ ବାରିକ, ଗଜେନ୍ଦ୍ର ବାରିକ, ସଞ୍ଜୟ କୁମାର ଜେନା, ପରିମଳ ମାଇତି, ରଞ୍ଜିତ ମହାପାତ୍ର ପ୍ରମୁଖ କମିଟିର କର୍ମକର୍ତ୍ତାମାନେ ଏହି ମେଳା ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ପ୍ରଜ୍ଞାପନ ମେଢ଼ ପାଇଁ ପ୍ରତିକ୍ରିୟା ରଖିବା ସହିତ ପ୍ରତିବାଦ କଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ଆସନ୍ତା ୨୬ ତାରିଖରେ ସାଧାରଣତନ୍ତ୍ର ଦିବସରୁ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ଉଦ୍ଦେଶ୍ୟ ମୂଳକ ଭାବେ ବାଦ୍ ଦେଇଥିବାରୁ ଏଥିପାଇଁ ଉତ୍କଳ ସମ୍ମିଳନୀ ପ୍ରତିକ୍ରିୟା ପ୍ରକାଶ ରଖିବା ସହିତ ଠିକ୍ ସମୟରେ ପ୍ରତିବାଦ କରିଛି। କେବଳ ସେତିକି ନୁହେଁ ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ସାକ୍ଷାତକରି ମହାମାନ୍ୟ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ବୋଲି ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଆଜି କିଛି ଗଣମାଧ୍ୟମରେ ପ୍ରକାଶିତ ହୋଇଛି ଯେ, ଗତ ଡିସେମ୍ବର ୨୩ ତାରିଖରୁ ପ୍ରଜ୍ଞାପନ ମେଢ଼ ବାଦ ପଡ଼ିବାର ଖବର ଜଣାଥିଲେ ମଧ୍ୟ ସେତେବେଳେ କେହି କୌଣସି ପ୍ରତିକ୍ରିୟା ରଖିଲେ ନାହିଁ। ଏଠାରେ ସୂଚନା ଦେବାକୁ ଚାହେଁ ଯେ, ସେହି ୨୩ ତାରିଖ ଦିନ ଉତ୍କଳ ସମ୍ମିଳନୀ ପ୍ରଜ୍ଞାପନ ମେଢ଼ ବାଦ୍ ପଡ଼ିବା ଏକ ଷଡ଼ଯନ୍ତ୍ର ବୋଲି ମତ ରଖିଥିଲା ଏବଂ ରାଜ୍ୟପାଳଙ୍କୁ ସାକ୍ଷାତ କରିବା ପାଇଁ ମଧ୍ୟ ସମୟ ମାଗିଥିଲା। ଜାନୁଆରୀ ୫ ତାରିଖ ଦିନ ରାଜ୍ୟପାଳ ମହୋଦୟ ସାକ୍ଷାତ ପାଇଁ ସୁଯୋଗ ଦେଇଥିଲେ। ଏହିଦିନ ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧୀ ମଣ୍ଡଳୀ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କୁ ସାକ୍ଷାତକରି ଆଲୋଚନା କରିଥିଲେ ଓ ଏକ ଦାବିପତ୍ର ମହାମହିମ-ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ। ଦାବି ଓ ପ୍ରତିବାଦ ପରେ ମଧ୍ୟ ପ୍ରଜ୍ଞାପନ ମେଢ଼କୁ ଅନୁମତି ନଦେବା ଅନ୍ୟାୟ ଓ ଓଡ଼ିଆମାନଙ୍କ ପ୍ରତି ଅବିଚାର ବୋଲି ଶ୍ରୀ ଦାଶଶର୍ମା କହିଛନ୍ତି।

ନାଇଟ କର୍ଫ୍ୟୁ ବେଳେ ରାସ୍ତା ଉପରେ ବାର୍ଥ ଡେ ସେଲିବ୍ରେସନ୍ : ୧୨ ଗାଡି ଜବତ

ଭୁବନେଶ୍ୱର, ୨୦/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣର ଚେନ ଭାଙ୍ଗିବାକୁ ରାତି ୯ରୁ ନାଇଟ କର୍ଫ୍ୟୁ ଘୋଷଣା କରିଛନ୍ତି ସରକାର। ତେବେ ନାଇଟ କର୍ଫ୍ୟୁ ସମୟରେ ଏକାଧିକ ଯୁବକ ବିଚରାସ୍ତାରେ ବାର୍ଥ ଡେ' ସେଲିବ୍ରେସନ କରୁଥିଲେ। ଡେଲ୍ଟା ଛକ ଟ୍ରାଫିକ ପୋଷ୍ଟରେ ବାର୍ଥ ଡେ' ସେଲିବ୍ରେସନ ସମୟରେ କମିଶନରେଟ୍ ପୋଲିସ୍ ପକ୍ଷରୁ ଚଢାଉ କରାଯାଇଥିଲା। ପୋଲିସକୁ ଦେଖି ଛତ୍ରଭଙ୍ଗ ଦେଇଥିଲେ ଯୁବକ । ଯାହା ଫଳରେ ପୋଲିସ ଘଟଣାସ୍ଥଳରୁ ୧୨ଟି ଦୁଇ ଚକିଆ ଗାଡିକୁ ଜବତ କରିଛି ।

ପୂର୍ବତନ ନଗରପାଳ ବସନ୍ତ ସେନାପତିଙ୍କ ସ୍ମୃତିଚାରଣ ସଭା

ଜଳେଶ୍ୱର, ୨୦/୧(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟନିସାପାଲିଟିର ଜଣେ ଦରଦୀ ନେତା, ଶାନ୍ତିଆ ଗ୍ରାମର ଗ୍ରାମ୍ୟମୁଖ୍ୟ ତଥା ଜଣେ ବିଚାରକ ଭାବେ ସୁଖ୍ୟାତି ଅର୍ଜନ କରିଥିବା ବସନ୍ତ ସେନାପତିଙ୍କ ମୃତ୍ୟୁରେ ସ୍ମୃତି କମିଟି ପକ୍ଷରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ସ୍ୱର୍ଗତ ସେନାପତି ଦୁଇଥର କାଉନ୍‌ସିଲର, ୧ଥର ନଗରପାଳ ଓ ୩୦ ବର୍ଷ ଧରି ଗ୍ରାମ୍ୟ ମୁଖ୍ୟ ଥିବାରୁ ସେ ଅଂଚଳବାସୀଙ୍କ ହୃଦୟକୁ ଜୟ କରିପାରିଥିଲେ ବୋଲି ମତପ୍ରକାଶ ପାଇଛି । ଆୟୋଜିତ ସ୍ମୃତିଚାରଣ ସଭାରେ ଗ୍ରାମ୍ୟ ମୁଖ୍ୟ ସତାଂଶୁ ସେନାପତି ସଭାପତିତ୍ୱ କରିଥିଲେ । ଦଳମତ ନିର୍ବିଶେଷରେ ଏହି ସଭାରେ ବିଧାୟକ ଅଶ୍ୱିନୀ ପାତ୍ର, ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ଦେବି ପ୍ରସନ୍ନ ଚାନ୍ଦ, ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ, ସମାଜସେବୀ ବିଷ୍ଣୁପଦ ମହାନ୍ତି, କମଳ ଚକ୍ରବର୍ତ୍ତୀ, ଦିଲ୍ଲିପ ଗିରି, ପ୍ରତୀପ ପ୍ରଧାନ, ରିଆଜ ଖାଁ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ଅରୁଣ ବେଜ, ସୁକୁମାର ରଣା, ନରେନ୍ଦ୍ର କର ଓ କାର୍ତ୍ତିକ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଦିବଂଗତ ଆତ୍ମାର ସଦ୍‌ଗତି କାମନା ସହିତ ବିଗତ ଦିନରେ ବିଭିନ୍ନ ଜନହିତକର କାର୍ଯ୍ୟର ସ୍ମୃତି ବଖାଣିଥିଲେ । ଗ୍ରାମ୍ୟ ରାସ୍ତାକୁ ତାଙ୍କ ନାମରେ ନାମିତ କରିବା, ପ୍ରତିମୂର୍ତ୍ତୀ ସ୍ଥାପନ କରିବା ସହିତ ମୃତ୍ୟୁ ବାର୍ଷିକୀରେ ସ୍ମରଣୀକା ପ୍ରକାଶ ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆଦ୍ୟାଚରଣ ବେହେରାଙ୍କ ଅଶ୍ର